## ଉପଖଣ୍ଡସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ

# ସ୍ୱଚ୍ଛତା, ସାଧୁତା ଓ ନିଷ୍ଠାପର ସହ ଦେଶର କାର୍ଯ୍ୟ କରିବା: ଆରଡ଼ିସି







ବ୍ରହ୍ମପୁର,୨୭ ।୧(ସମିସ)

ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଉପଖଣ୍ଡ ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରି ସମବେତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ସମ୍ବିଧାନ ହେଉଛି ଆମ ଦେଶର ମୂଳପିଣ୍ଡ। ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ଏହା ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରିଛି। ସରକାରଙ୍କ ଷ୍ଟାର୍ଟ ଅପ୍ ଇଣ୍ଡିଆ ଭଳି ଯୋଜନା ଓ ଡିଜିଟାଲ ବିପ୍ଳବ ଯୋଗୁଁ ଯୁବଶକ୍ତିର କଳ୍ପନା ଓ ସରକାରୀ ସହଯୋଗ ଓଡ଼ିଶା ପାଇଁ ସୁଫଳ ଆଣିଦେବ। ଏହା ସହିତ ସ୍ୱଚ୍ଛତା, ସାଧୁତା ଓ ନିଷ୍ଠାପର ସହ ଦେଶରେ କାର୍ଯ୍ୟ କରିବାକୁ ସେ ନିଜ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ୨୦୩୬ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ତଥା ସମୃଦ୍ଧ ରାଜ୍ୟ ଭାବରେ ଗଢି ତୋଳିବା ପାଇଁ ନିଆଯାଇଥିବା ସଙ୍କଳ୍ପକୁ ଫଳପ୍ରଦ କରିବାକୁ ସେ ରାଜ୍ୟବାସୀଙ୍କ ସହଯୋଗ କାମନା କରିଥିଲେ। ସମାରୋହରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ଓ ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ମୁଖ୍ୟଅତିଥି ଶ୍ରୀ ମହାପାତ୍ର ଏବଂ ଉପଜିଲ୍ଲାପାଳ ଅବିନାଶ କୁମାର ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉପଖଣ୍ଡସ୍ତରୀୟ ପ୍ୟାରେଡରେ ସମୁଦାୟ ୩୨ଟି କଣ୍ଟିଜେଣ୍ଟ ସହିତ ୮ଟି ଦଳ ଶାରୀରିକ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ୟାରେଡ କମାଣ୍ଡର ଭାବେ ରିଜର୍ଭ ଇନ୍ସପେକ୍ଟର ଏମ. ଲକ୍ଷ୍ମୀ ରଞ୍ଜନ ମିଳିତ ପ୍ୟାରେଡ୍‌କୁ ପରିଚାଳନା କରିଥିଲେ। ପ୍ୟାରେଡ୍ ପ୍ରତିଯୋଗିତାରେ ସିନିୟର୍ ଡିଭିଜନ ଏନସିସିରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଆର୍ମି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନୀଳକଣ୍ଠ ନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିୟର ଡିଭିଜନ ଏନ୍‌ସିସି ବାଳିକାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆର୍ମି ପ୍ରଥମ ଓ ନିୟୁ ଡିପଲ୍ ସ୍କୁଲ ଆର୍ମି ଦ୍ୱିତୀୟ, ଜୁନିୟର ଡିଭିଜନ ବାଳକରେ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ ପ୍ରଥମ ଓ ସେଣ୍ଟ ଜାଭିୟର୍ସ ସିନିଅର ସେକେଣ୍ଡାରୀ ହାଇ ସ୍କୁଲ ଆମ୍ବପୁଆ ଦ୍ୱିତୀୟ, ସ୍କାଉଟ ଓ ଗାଇଡରେ ଦିଲ୍ଲୀ ପବ୍ଲିକ ସ୍କୁଲ ପ୍ରଥମ ଓ କଳିଙ୍ଗ ବିଦ୍ୟା ମନ୍ଦିର ଦ୍ୱିତୀୟ, ସବ୍ ଜୁନିୟର ଡିଭିଜନ ସିଭିଲିଆନରେ କେ ସି ହାଇସ୍କୁଲ ପ୍ରଥମ ଓ ଗୁରୁନାନକ ପବ୍ଲିକ ସ୍କୁଲ ଦ୍ୱିତୀୟ, ଜୁନିୟର ଡିଭିଜନ ସିଭିଲିଆନରେ ଅମରେଶ୍ୱର ପବ୍ଲିକ ହାଇସ୍କୁଲ ପ୍ରଥମ ଓ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅରବିନ୍ଦ ନଗର ଦ୍ୱିତୀୟ, ସିନିୟର୍ ଡିଭିଜନ ସିଭିଲିଆନରେ ଜ୍ଞାନ ବିକାଶ କଲେଜ ପ୍ରଥମ ଓ ଦିଲ୍ଲୀ ପବ୍ଲିକ ସିନିଅର ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶାରୀରିକ କ୍ରୀଡା ପ୍ରତିଯୋଗିତାର ଜୁନିୟର ଗ୍ରୁପରେ ନିଉ ଡି ପଲ ସ୍କୁଲ ପ୍ରଥମ ଓ ତକ୍ଷଶିଳା ଆବାସିକ ବିଦ୍ୟାଳୟ ଦ୍ୱିତୀୟ, ସିନିୟର୍ ଗ୍ରୁପରେ ଅମରେଶ୍ୱର ପବ୍ଲିକ ହାଇସ୍କୁଲ ପ୍ରଥମ ଓ ସେଣ୍ଟ ଜାଭିଅର ହାଇସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହ ପ୍ରଶଂସନିୟ ସେବା ପାଇଁ ୪ଜଣ ପୁଲିସ କର୍ମଚାରୀଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା। ଶେଷରେ ଆମ୍ବପୁଆ ଦୃଷ୍ଟିହୀନ ବିଦ୍ୟାଳୟର ଅନ୍ତେବାସୀଙ୍କୁ ମୁଖ୍ୟ ଅତିଥି ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

### ବରିଷ୍ଠ କଳାକାର ସଂଘ

ସ୍ଥାନୀୟ ସିଟି ହାଇସ୍କୁଲ ରୋଡ୍ ସ୍ଥିତ 'ମାନସ ଭବନ' ପରିସରରେ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ଓ ନିଖିଳ ଓଡିଶା ବରିଷ୍ଠ କଳାକାର ମହାସଂଘର ମିଳିତ ଆନୁକୂଲ୍ୟରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଂଘ ଶାଖାର କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟ ଜାତୀୟ ପତାକା ଉତ୍ତୋଳନ କରିବା ସହ ସଂଘୀୟ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ କୈଳାସ ପାଣିଗ୍ରାହୀ, ଗ୍ରାମୀଣ ନାଟ୍ୟ ନିର୍ଦ୍ଦେଶକ ଅଭିରାମ ରାଉଳ ଓ ପ୍ରାକ୍ତନ ସଂଘ ସଭାପତି ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପଣ୍ଡା, ବଳଦେବ ସାହୁ, ସନିଆ ବେହେରା, ମହେନ୍ଦ୍ର କୁମାର ସାହୁ ଓ ଚିତ୍ତ ରଞ୍ଜନ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

### ଲାଞ୍ଜିପଲ୍ଲୀ ବରିଷ୍ଠ ନାଗରିକ ମଞ୍ଚ

ସ୍ଥାନୀୟ ଲାଞ୍ଜିପଲ୍ଲୀ ସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର ପକ୍ଷରୁ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମଞ୍ଚ ସଭାପତି ପ୍ରଫେସର ଡ. ଭାସ୍କର ପାଢ଼ୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ସୁରେଶ ଜେନା ମଞ୍ଚ ସଞ୍ଚାଳନ କରିଥିବା ବେଳେ ସଦସ୍ୟ ରମେଶ ଚନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ମିଶ୍ର, ଜଗନ୍ନାଥ ଦାସ ଏବଂ ମୁରଲୀଧର ପଟନାୟକ ପରେଡ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚର ଉପଦେଷ୍ଟା କେ. କ୍ରୀଷ୍ଣା ରାଓ, ବିଶ୍ୱନାଥ ପାଢ଼ୀ, ଉପ ସଭାପତି ପ୍ରଫେସର ଡ. ଅରୁଣ କୁମାର ପଣ୍ଡା, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ପାତ୍ର, ଯୁଗ୍ମ ସଂପାଦକ ଇଂ. ବିନୋଦ କୁମାର ପାଣିଗ୍ରାହି, ସର୍ବଶ୍ରୀ ଶିବରାମ ପାଣିଗ୍ରାହି, ବିଭୂତି ଭୂଷଣ ବେହେରା, ସୁଜନ ଶୁକ୍ଳ, ଦୟାନିଧୀ ପ୍ରଧାନ, ଉପେନ୍ଦ୍ର ନାଥ ଦାସ, ଗୌରୀ ଶଙ୍କର ପାତ୍ର, ରାଜ କିଶୋର ଆଚାର୍ଯ୍ୟ, ହରିବନ୍ଧୁ ବେହେରା, କୃଷ୍ଣ ସିଂହ ପାଢ଼ୀ, ପୁରନ୍ଦର ମହାଙ୍କୁଡ଼ ଓ ଦୁଃଖିଶ୍ୟାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରହ୍ମପୁର ପୁଲିସ ଜିଲ୍ଲା ମୁଖ୍ୟାଳୟ

ବ୍ରହ୍ମପୁର ପୁଲିସ ଜିଲ୍ଲା ମୁଖ୍ୟାଳୟ ବା ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଏସପି ଅଲୋକ ଜେନା, ଏଏସପି କୈଳାସ ଚନ୍ଦ୍ର ବୁରୁଦାଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅନୁରୁପ ଭାବେ ପୁଲିସ ଜିଲ୍ଲାର ସମସ୍ତ ଥାନା ଓ ଫାଣ୍ଡିରେ ଏହି ଦିବସ ଆଡମ୍ବର ସହକାରେ ପାଳିତ ହୋଇଥିଲା। ସେହିଭଳି ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ମଧ୍ୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

### ବ୍ରହ୍ମପୁର ମଣ୍ଡଳ କାରାଗାର

ବ୍ରହ୍ମପୁର ମଣ୍ଡଳ କାରାଗାରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଜେଲର ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଜେଲର ଲକ୍ଷ୍ମୀକାନ୍ତ ଧାଙ୍ଗେଡ଼ାମାଝୀଙ୍କ ସମେତ ଆସିଷ୍ଟାଣ୍ଟ ଜେଲର ଦେବାଶିଷ ମହାନ୍ତି, ରାମ ବେହେରାଙ୍କ ସମେତ ୱାର୍ଡର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଜିଲ୍ଲା ଓ ଦୌରାଜଜ୍ କୋର୍ଟ

ଜିଲ୍ଲା ଓ ଦୌରା ଜଜ୍ କୋର୍ଟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। କୋର୍ଟ ପରିସରରେ ଜିଲ୍ଲା ଜଜ୍ ଅଶାନ୍ତ କୁମାର ଦାସ ଜାତୀୟ ପତାକା ଉତ୍ତୋଳନ କରିବା ସହ ନିଜର ଅଭିଭାଷଣ ରଖିଥିଲେ। ଏଥିରେ ସମସ୍ତ ବିଚାରପତିଙ୍କ ସମେତ ପିପି, ଏପିପି ଓ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ନିଜର ଅଭିଭାଷଣ ରଖିଥିଲେ। ଏଥିରେ ଉପସଭାପତି ଟି.କେ. ରେଡ଼ି, ସମ୍ପାଦକ ଟି. ଭେଙ୍କେଟ ରାଓ, ସହସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟାଳୟ

ସ୍ଥାନୀୟ ଗଜପତିନଗର ସ୍ଥିତ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟରେ ୭୭ତମ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ସମେତ ବହୁ ନେତା ଓ କର୍ପୋରେଟର ଯୋଗ ଦେଇଥିଲେ।

### ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ

ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେ, ସମସ୍ତ କର୍ପୋରେଟର, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ଆଶିର୍ବାଦ ପରିଡା, ସିଟି ଇଂଜିନିୟର ମନୋଜ କୁମାର ପାତ୍ର, ସମସ୍ତ ଯନ୍ତ୍ରୀ, ଅଧିକାରୀ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ବ୍ରହ୍ମପୁର ସକାଳ କାର୍ଯ୍ୟାଳୟ

ଦୈନିକ ଖବର କାଗଜ 'ସକାଳ' ଓ ନନ୍ଦିଘୋଷ ଟିଭି ବ୍ରହ୍ମପୁର ସଂସ୍କରଣ କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ସକାଳ ବ୍ରହ୍ମପୁର କାର୍ଯ୍ୟାଳୟର ସହ ସମ୍ପାଦକ ଭବାନୀ ପ୍ରସାଦ ମହାପାତ୍ର, ରବିନ୍ଦ୍ର କୁମାର ଗୌଡ଼, ଜିଲ୍ଲା ପ୍ରତିନିଧି କ୍ଷୀରସିନ୍ଧୁ ମହାନ୍ତି, ପିଣ୍ଟୁ ବେହେରା, ସୁଶାନ୍ତ କୁମାର ପଣ୍ଡା, ଶଙ୍କର ଭଦ୍ରା, ରାଧାକାନ୍ତ ରଥ ଓ କିଶୋର ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲ୍ଲା ବିଜେପି କାର୍ଯ୍ୟାଳୟ

ସ୍ଥାନୀୟ ଷ୍ଟେସନ ରୋଡ଼ ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ସରୋଜ ସାବତ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ନିଜର ଅଭିଭାଷଣ ରଖିଥିଲେ। ସେହିପରି ଗାନ୍ଧୀ ନଗର ସ୍ଥିତ ବ୍ରହ୍ମପୁର ବିଧାୟକ କାର୍ଯ୍ୟାଳୟରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଧାୟକ କେ. ଅନିଲ କୁମାରଙ୍କ ପ୍ରତିନିଧି ଅଶୋକ ଶୁକ୍ଳା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ପ୍ରଧାନ, ସଞ୍ଜୟ ଜେନା, ବିକି ପଟ୍ଟନାୟକ, ପ୍ରଦୀପ ନାୟକ ଓ ଏସ. ପି. ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଗଞ୍ଜାମ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ

ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟଳୟ ବାପୁଜୀ ଆଶ୍ରମରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି(ପୂର୍ବ) ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ରାଘବ ପରିଡ଼ା ପତାକା ଉତ୍ତୋଳନ କରି ଅଭିଭାଷଣ ରଖିଥିଲେ। ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା, ଛାତ୍ର, ଯୁବ ଓ କଂଗ୍ରେସ କର୍ମୀ ପଦଯାତ୍ରା କରି ସହରର ବିଭିନ୍ନ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବୃନ୍ଦାବନ ଖଟେଇ, ଯୋଗୀ ବେହେରା, ଶିବରାମ ପାତ୍ର, ଦତତ୍ରୟ ବେହେରା, ଦିଲ୍ଲୀପ ଷଡ଼ଙ୍ଗୀ, ପ୍ରହଲ୍ଲାଦ ଗୌଡ଼, ଭିକାରୀ ବେହେରା, ଏସ. ହରିନାଥ ଓ ବୁଢୁ ପାଢ଼ୀଙ୍କ ସମେତ ବହୁ କର୍ମୀ ସକ୍ରିୟ ସାମିଲ ହୋଇଥିଲେ।

### ନିଷ୍ଟ ବିଶ୍ୱବିଦ୍ୟାଳୟ

ଗୋଳନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏ ଅବସରରେ ଏକାଡେମିକ୍ ଡିନ୍ ଡ. ପି. ରାଜେଶ କୁମାର ଛାତ୍ରଛାତ୍ରୀଙ୍କୁ ଭାରତର ପ୍ରଗତିର ବାହକ ଭାବେ ଗୁଣାତ୍ମକ ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ ଦେବା ପାଇଁ ମତ ବ୍ୟକ୍ତ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ଆସୋସିଏଟ୍ ଡିନ୍ ତଥା ଛାତ୍ର କଲ୍ୟାଣ ଡ଼. ପ୍ରୀତିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





## ଚା' ଦୋକାନୀ ମୃତ୍ୟୁ ଘଟଣାରେ ପିକ୍‌ଅପ୍ ଚାଳକ ଗିରଫ

ଦିଗପହଣ୍ଡି,୨୭ ।୧(ସମିସ): ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର ଦେଓଖାଳି ଛକରେ ଗତ ବୁଧବାର ଦ୍ରୁତଗାମୀ ପିକଅପ୍ ଭ୍ୟାନ ଧକ୍କାରେ ଦେଓଖାଳି ଗ୍ରାମ ମଠସାହିର ଚା' ଦୋକାନୀ କୋରା ବେହେରା(୫୬) ଗୁରୁତର ହୋଇଥିଲେ। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଚାଲିଥିବାବେଳେ ଶନିବାର ମୃତ୍ୟୁ ଘଟିଥିଲା। ଏନେଇ କୋରାଙ୍କ ପୁଅ କାଳିଆଙ୍କ ଅଭିଯୋଗ କ୍ରମେ କେ. ନୂଆଗାଁ ପୁଲିସ ଏକ ମାମଲା ରୁଜୁକରି ଶେରଗଡ଼ ଥାନା ବାଦଗଡ ଗ୍ରାମର ଚାଳକ ଦିଲ୍ଲୀପ କୁମାର ପାଢ଼ୀଙ୍କୁ ଗିରଫ କରିଛି।

## ଗୁହାଳରେ ନିଆଁ ଲାଗି ୨ ଗାଈ ଜୀବନ୍ତ ଦଗ୍ଧ



ସାନଖେମୁଣ୍ଡି,୨୭ ।୧(ସମିସ): ସାନଖେମୁଣ୍ଡି ବ୍ଲକ ଆଡପଡ଼ା ପଞ୍ଚାୟତ ଆଡପଡ଼ା ଗ୍ରାମରେ ସର୍ଟସର୍କିଟ ଯୋଗୁଁ ଗୁହାଳରେ ନିଆଁ ଲାଗି ଦୁଇଟି ଗାଇ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଗୋଟିଏ ବାଇକ୍ ଓ ୩ଟି ସାଇକଲ ପୋଡି ପାଉଁଶ ହୋଇଯାଇଛି। ମଙ୍ଗଳବାର ସକାଳେ ବିଦ୍ୟୁତ୍ ସର୍ଟସର୍କିଟରୁ ଅରୁଣ ମହାପାତ୍ରଙ୍କ ଗୁହାଳରେ ନିଆଁ ଲାଗି ଏହି ଅଘଟଣ ଘଟିଛି।

## ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର

ଦିଗପହଣ୍ଡି,୨୭ ।୧(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ବଡ଼ବନ୍ଧ ପୋଖରୀରୁ ମଙ୍ଗଳବାର ସକାଳେ ଏକ ନବଜାତ ଶିଶୁକନ୍ୟାଙ୍କ ମୃତଦେହ ଭାସୁଥିବା ଗ୍ରାମର କିଛି ମହିଳା ଦେଖିଥିଲେ। କୁମାରୀ ମାତୃତ୍ୱ ଲାଭ ପରେ ଲୋକଲଜ୍ଜା ଭୟରେ ଜନ୍ମିତ ଶିଶୁକନ୍ୟାଙ୍କୁ କେହି ଏପରି ପୋଖରୀରେ ଫୋପାଡ଼ି ଦେଇଥିବା ଚର୍ଚ୍ଚା ହେଉଛି। ଗ୍ରାମର କୌଣସି ମହିଳା ସୋମବାର ସନ୍ଧ୍ୟାରେ ମୃତଦେହ ଆଣି ପୋଖରୀରେ ଫୋପାଡି ଚାଲିଯାଇଥିବା ଗ୍ରାମର କିଛି ବ୍ୟକ୍ତି ଜଣାଇଛନ୍ତି। ଘଟଣା ସମ୍ପର୍କରେ ଗ୍ରାମର କୌଣସି ବ୍ୟକ୍ତି ଆମକୁ ଜଣାଇନଥିବା ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ

ପାତ୍ରପୁର,୨୭ ।୧(ସମିସ): ଜରଡ଼ା ଥାନା ଅନ୍ତର୍ଗତ କେଲୁଆ ନିକଟ ପାହାଡ଼ ଉପରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ଉ କରିଛି ଜରଡ଼ା ପୁଲିସ। ଚଢ଼ଉ ବେଳେ ୫ହଜାର୨ ଶହ ଟଙ୍କା ସହ ପାଞ୍ଚଟି ବାଇକ ଜବତ ହୋଇଛି। ଦୀର୍ଘଦିନ ହେଲା ଉକ୍ତ ସ୍ଥାନରେ ଜୁଆଆଡ୍ଡା ଚାଲିଥିବା ବେଳେ ଖବର ପାଇ ଏସ୍‌ଆଇ ଦୁର୍ଯ୍ୟୋଧନ ନାୟକ ଓ ଅନିଲ ସାହୁ ଏବଂ ତାଙ୍କ ଟିମ୍ ଚଢ଼ଉ କରିଥିଲେ। ତିନି ଜଣଙ୍କ ନାଁରେ ଏତଲା ହୋଇଥିବା ବେଳେ ପରେ ଏହିସଂଖ୍ୟା ବଢ଼ିପାରେ ବୋଲି ଜରଡ଼ା ପୁଲିସ ସୂଚନା ଦେଇଛି।

## ଘର ଉପରକୁ ବୋମାମାଡ଼; ଭୁଶୁଡ଼ିଲା କାନ୍ଥ



ଛତ୍ରପୁର,୨୭ ।୧(ସମିସ)

ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମରେ ଅଭାବନୀୟ ଘଟଣା। ସୋମବାର ବିଳମ୍ବିତ ରାତିରେ ସମସ୍ତେ ଶୋଇଥିବା ବେଳେ ଜି. କାମରାଜୁ ରେଡିଙ୍କ ଘର ଉପରକୁ ବୋମାମାଡ଼ ହୋଇଥିଲା। ଘରର ପଛ ପଟୁ ବୋମାମାଡ଼ କରାଯାଇଥିବା ବେଳେ କାନ୍ଥ ଭାଙ୍ଗି ଯାଇଛି। ତେବେ ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଛି। ଛତ୍ରପୁର ପୁଲିସ ପହଞ୍ଚି ତଦନ୍ତ କରୁଛି। କାନ୍ଥ ଭୁଶୁଡ଼ି ଘରର ବହୁ ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ଘରେ ଥିବା ୩ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନ୍ୟପଟେ ଏହି ବୋମାମାଡ଼ରେ ଅଧିକ ଶକ୍ତିଶାଳୀ ବିସ୍ଫୋରକ ବ୍ୟବହାର କରାଯାଇଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସକାଳୁ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼ାଇ, ଥାନା ଅଧିକାରୀ ସବ୍ୟସାଚି ମଲ୍ଲଙ୍କ ସମେତ ଅଧିକାରୀମାନେ ଆସି ଘଟଣାର ଅଧିକ ତଦନ୍ତ କରୁଛନ୍ତି। ସାଇଣ୍ଟିଫିକ୍ ଟିମ, ରାଜ୍ୟ ବୋମା ନିଷ୍କ୍ରିୟକାରୀ ଟିମ୍, ରାଜ୍ୟ ଫୋରେନସିକ ବିଜ୍ଞାନ ପରୀକ୍ଷାଗାର ଟିମ୍ ଘଟଣାସ୍ଥଳରେ ପହଁଞ୍ଚି ବିଭିନ୍ନ ନମୂନା ସଂଗ୍ରହ କରିବା ସହିତ ଯାଞ୍ଚ କରିଛନ୍ତି।

## ପାହାଡ଼ରୁ ବୃଦ୍ଧଙ୍କ ଗଳିତ ଶବ ଉଦ୍ଧାର

ଆସିକା,୨୭ ।୧(ସମିସ): ଆସିକା ବ୍ଲକ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ନଣ୍ଡାଜୁଆଳି ଗ୍ରାମର ମାଛଖାଇ ପାହାଡ଼ ଉପରୁ ୩ମାସ ହେଲା ନିଖୋଜ ଥିବା ଜଣେ ବୃଦ୍ଧଙ୍କ ଗଳିତ ଶବ ଉଦ୍ଧାର ହୋଇଛି। ମୃତଦେହଟି ଆସିକା ଥାନା ଅନ୍ତର୍ଗତ କମାଗଡ଼ ଗ୍ରାମର ଝୁରିୟା ନାୟକ(୭୫)ଙ୍କର ବୋଲି ସ୍ପଷ୍ଟ ହୋଇଛି। ଶବଟି କେଉଁ ପରିସ୍ଥିତିରେ ଏଠାକୁ ଆସିଲା ଏହା ହତ୍ୟା ନାଁ ଆତ୍ମହତ୍ୟା ସ୍ପଷ୍ଟ ହୋଇପାରିନି। ପୁଲିସ ମୃତଦେହ ଜବତ କରି ଅଧିକ ତଦନ୍ତ ଚଳାଇଛି। ସେ ନଭେମ୍ବର ୧୭ରୁ ନିଖୋଜ ଥିଲେ। ମଙ୍ଗଳବାର ଲଣ୍ଡାଜୁଆଳି ଗାଁର କିଛି ମହିଳା ଜଙ୍ଗଲକୁ କାଠ ପାଇଁ ଯାଇଥିବା ବେଳେ ମୃତଦେହ ଦେଖିଥିଲେ। ଶବଟି ସମ୍ପୂର୍ଣ୍ଣ ପଚି ସଢ଼ି ଯାଇଥିବା ବେଳେ ପାଖରେ ପଡ଼ିଥିବା ଗାମୁଛା ଓ ହାତଘଣ୍ଟା ଦେଖି ତାହା ଝୁରିଆଙ୍କ ଶବ ବୋଲି ପରିବାର ଲୋକ ଚିହ୍ନଟ କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଛି।







## ଗୋପାଳପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ

# ଗୋପାଳପୁର ଇତିହାସ ସର୍ବଜନବିଦିତ: ରାଜ୍ୟପାଳ

ବ୍ରହ୍ମପୁର,୨୭।୧(ସମିସ): ବହୁ ପ୍ରତିକ୍ଷୀତ ଗୋପାଳପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟପାଳ ଡ. ହରିବାବୁ କୁମ୍ଭମପାଟି ଏହାକୁ ଉଦଘାଟନ କରି କହିଛନ୍ତି ଯେ, ଗୋପାଳପୁର ବେଳାଭୂମି କେବଳ ଏକ ସମୁଦ୍ର କୂଳ ନୁହେଁ, ସ୍ଥାନୀୟ କଳା, ସଂସ୍କୃତି ଓ ଐତିହ୍ୟ ଏବଂ ନୌବାଣିଜ୍ୟକୁ ବିଶ୍ୱଦରବରରେ ପ୍ରତିପାଦିତ କରୁଛି। ଏଠାକାର ଇତିହାସ ସର୍ବଜନବିଦିତ। ଏହି ବେଳାଭୂମି କଳିଙ୍ଗ ନୌବାଣିଜ୍ୟ ପରମ୍ପରାର ମୁଖଦ୍ୱାର। ଏହି ମହୋତ୍ସବ ଦ୍ୱାରା ଗୋପାଳପୁର ସଂସ୍କୃତି ଓ ପରମ୍ପରାର ପ୍ରସାର ହେଉଛି। କିଛି ମଞ୍ଚ ଯୁବ ପିଢ଼ିକୁ ସୁଯୋଗ ଦେଇଥାଏ। ପର୍ଯ୍ୟଟକଙ୍କ ମନୋରଞ୍ଜନ ସହ ସ୍ଥାନୀୟ ଅଂଚଳର ଆର୍ଥିକ ଓ ସାଂସ୍କୃତିକ ବିକାଶ କରୁଛି। ସ୍ଥାନୀୟ ଅଂଚଳର ହସ୍ତତନ୍ତ ପ୍ରଦର୍ଶନୀ ସହ ବିକ୍ରିବଟା ହେଉଛି। ଯାହା ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହ ଆର୍ଥିକ ଅଭିବୃଦ୍ଧି ହେଉଛି। ଗୋପାଳପୁର କେବଳ ଓଡ଼ିଶା ନୁହେଁ, ଜାତୀୟ ସ୍ତରରେ ଖ୍ୟାତି ରହିଛି। ଅନ୍ୟତମ ଅତିଥି ଭାବେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଛନ୍ତି ଯେ, ଲୋକମାନଙ୍କୁ ସମ୍ପର୍କର ଡୋରିରେ ବାନ୍ଧିବାରେ ମହୋତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଞ୍ଜାମର ସମଗ୍ର ମାଟି ଗର୍ବିତ ଗୋପାଳପୁର ପାଇଁ। ଉତ୍କଳ ସମ୍ମିଳନୀ ଗଞ୍ଜାମ ମାଟିରୁ ହୋଇଥିଲା। ଯାହା ଆଜିର ଓଡ଼ିଶା ଭାବେ ଦଣ୍ଡାୟମାନ। ଏଠାକାର ବରପୁତ୍ର ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

ସେହିଭଳି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ଜିଲ୍ଲାର ଅପାର ସମ୍ଭାବନା ବିଷୟରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପୁରୋଧା ଖଣି ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ପଦ୍ମଶ୍ରୀ ସୁଦର୍ଶନ ପଟନାୟକ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଗଂଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଗଂଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ପ୍ରଥମେସ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି ଅବସରରେ ଗଂଜାମ ଜିଲାର ଖ୍ୟାତିସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



■ ବି. ପ୍ରାକ୍ ଓ କୁଳଦୀପଙ୍କ ସଂଗୀତରେ ଝୁମିଲେ ଦର୍ଶକ

### ଷ୍ଟାର ନାଇଟ୍‌ରେ ଝୁମିଲେ ଦର୍ଶକ

ଷ୍ଟାର ନାଇଟରେ ଦର୍ଶକ ଝୁମିଥିଲେ। କଣ୍ଠଶିଳ୍ପୀ ବି ପ୍ରାକ, କୁଳଦୀପ ଏବଂ ଅନନ୍ୟା ଶ୍ରୀତମ ନନ୍ଦଙ୍କ ସଂଗୀତରେ ଦର୍ଶକ ବିଭୋର ହୋଇଥିଲେ।

### ମଶାଲ ଶୋଭାଯାତ୍ରା, ମହୋଦଧି ଆଳତୀ

ଏ ଅବସରରେ ସକାଳୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀ, ମା ବାଳକୁମାରୀ, ମା ବ୍ୟାଘ୍ରଦେବୀଙ୍କ ପୀଠରୁ ମଶାଲ ଆସିଥିଲା। ସେହିଭଳି ବନାରସରୁ ଆସିଥିବା ସାଧୁସନ୍ଥଙ୍କ କରକମଳରେ ମହୋଦଧି ଆଳତୀ ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା।

### ଲୋକନୃତ୍ୟକୁ ପ୍ରାଧାନ୍ୟ

ଆଜିର କାର୍ଯ୍ୟକ୍ରମରେ ଗଞ୍ଜାମର ଲୋକନୃତ୍ୟ ରଣପା, ଛତ୍ରପୁର କଳାବିକାଶ କେନ୍ଦ୍ର ପକ୍ଷରୁ ଓଡିଶୀ, ଓଡିଶୀ ନୃତ୍ୟାୟନର ବିହୁ, ପୁରୀର ନାଗାନୃତ୍ୟ, କଳାହାଣ୍ଡିର ଘୁମୁରା, ରାଜସ୍ଥାନର ଚାରିଘୁମର ଆଦି ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।

### ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା

ଏହି ଅବସରରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଛି। ଏଠାରେ ୩୦୦ଟି ଷ୍ଟଲ ପଡିଛି। ୨୫୦ଟି ଷ୍ଟଲରେ ଏସ୍‌ଏଚଜି ମହିଳା ମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ଦ୍ରବ୍ୟ ବିକ୍ରିବଟା ହୋଇଥିଲା।

### ସୁରକ୍ଷା କଡ଼ାକଡ଼ି

ସୁରକ୍ଷା ଦୃଷ୍ଟିରୁ ୧୦୦ ଅଫିସରଙ୍କ ସମେତ ୫ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ଥିଲେ। ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇ ପୁରା ମହୋତ୍ସବ ଉପରେ ନଜର ରଖାଯାଉଛି।

## ସାଇବର ଠକଙ୍କ କବଳରେ ପଡ଼ି ୫୮ ଲକ୍ଷ ହରାଇଲେ ଯୁବକ

ବ୍ରହ୍ମପୁର,୨୭।୧(ସମିସ): ସାଇବର ଠକମାନେ ଅନଲାଇନ ନିବେଶ ନାଁରେ ବ୍ରହ୍ମପୁରର ଜଣେ ଯୁବକଙ୍କ ଠାରୁ ୫୮ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳରେ ରହୁଥିବା ଏହି ଯୁବକ ଏକ ଅଜଣା ନମ୍ବରରୁ ଆସିଥିବା କଲ୍‌ରେ ଭରସା କରି ଷ୍ଟକ୍ ଓ ଆଇପିଓ କିଣିଥିଲେ। ସାଇବର ଠକଙ୍କ ଦ୍ୱାରା ତାଙ୍କ ନାମରେ ଖୋଲା ଯାଇଥିବା ଆକାଉଣ୍ଟରେ ଷ୍ଟକ ମୂଲ୍ୟ ବଢ଼ିବା ନେଇ ଦର୍ଶାଇଥିଲା। ଏହାପରେ ଲୋଭରେ ପଡି ଯୁବକ ଜଣଙ୍କ ମାସେ ଭିତରେ ୫୮ ଲକ୍ଷ ଟଙ୍କା ନିବେଶ କରିଦେଇଥିଲେ। ଏହାପରେ ଆଉ ଟଙ୍କା ଉଠାଇ ନପାରିବାରୁ ସାଇବର ଠକେଇର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

## ଇଭି ଚୋରି: ଜଣେ ଗିରଫ

ବ୍ରହ୍ମପୁର,୨୭ ।୧(ସମିସ): ଇଲେକ୍ଟ୍ରି ସ୍କୁଟି (ଇଭି) ଚୋରି ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ପୋଲସରା ଥାନା ଅଞ୍ଚଳର ମୂଳନିବାସୀ ତଥା ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଅନ୍ଧପସରା ରୋଡ଼ରେ ରହୁଥିବା ସରୋଜ ନାହାକ(୨୩)କୁ ଗିରଫ କରିଛି। ପୁଲିସ ଅଭିଯୁକ୍ତଙ୍କ ଠାରୁ ଗତ ୨୫ ତାରିଖ ରାତିରେ ଚୋରି ହୋଇଥିବା ବ୍ରହ୍ମପୁରସ୍ଥିତ ରାଧାକାନ୍ତ ସାହିର ପ୍ରତାପ ଚନ୍ଦ୍ର ପାତ୍ରଙ୍କ ସ୍କୁଟିଟିକୁ ଉଦ୍ଧାର କରିଛି।

## ଚୋରି ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୭ ।୧(ସମିସ): ଘରେ ପଶି ଟଙ୍କା ଚୋରି ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଫୁଲଟା ହରିଜନ ସାହିର ହାଡୁ ଦାସ(୨୪)କୁ ଗିରଫ କରି କୋର୍ଟଚାଲାଣ କରିଛି। ପଣ୍ଡା କଲୋନୀ ନିବାସୀ ପ୍ରଦୀପ ଜେନାଙ୍କ ଘରୁ ଗତ ୨୫ତାରିଖ ସନ୍ଧ୍ୟାରେ ଚୋରି ହୋଇଥିଲା। ପ୍ରଦୀପ ତାଙ୍କ ପ୍ୟାଣ୍ଟ ପକେଟରେ ରଖିଥିବା ୬୫୦୦ଟଙ୍କା ଚୋରି ନେଇ ଥାନାରେ ଅଭିଯୋଗ କରିଥିଲେ।

# ଜୟବର୍ଦ୍ଧନ ଦାଶ ସ୍ମାରକୀ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ




ବ୍ରହ୍ମପୁର,୨୭ ।୧(ସମିସ): ସ୍ଥାନୀୟ ସ୍ପୋର୍ଟସ ଏରିନାରେ ପ୍ରେସ କ୍ଲବ୍ ବ୍ରହ୍ମପୁର ପକ୍ଷରୁ ରବିବାର ଏକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବ୍ୟାଟମିଂଟନ ସଂଘର ସମ୍ପାଦକ ମିତେନ ଭୂୟାଁ, କର୍ପୋରେଟର ଡି. କରୁଣାକର, ନୀଳକଣ୍ଠ ସାହୁ, ପ୍ରଦୀପ ଶତପଥୀ, ତିରୁପତି ପାତ୍ର, ରଞ୍ଜିତା ବେହେରା, ସମୀର ଆଚାର୍ଯ୍ୟଙ୍କ ସମେତ ପ୍ରେସ୍ କ୍ଲବ ବ୍ରହ୍ମପୁର ସଭାପତି ଅଶୋକ ବ୍ରହ୍ମା ଓ କୋଷାଧକ୍ଷ ଶିବ ନାରାୟଣ ପଣ୍ଡା ପ୍ରମୁଖ ମଞ୍ଚସୀନ ଥିଲେ। ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଜୟବର୍ଦ୍ଧନ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ୮ ବର୍ଷ ଧରି ନିୟମିତ ଭାବେ ସାଧାରଣତନ୍ତ୍ର ଦିବସରେ ବ୍ରହ୍ମପୁର ପ୍ରେସ କ୍ଲବ ପକ୍ଷରୁ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ଟୁର୍ଣ୍ଣାମେଣ୍ଟର ସିଙ୍ଗଲ୍ସରେ ଶିବ ନାରାୟଣ ପଣ୍ଡା ପ୍ରତିପକ୍ଷ ପ୍ରଫୁଲ୍ଲ ବେହେରାଙ୍କୁ ୨୧-୧୬ ବ୍ୟବଧାନରେ ପରାସ୍ତ କରି ଚମ୍ପିଅନ ହୋଇଥିଲେ। ସେହିପରି ଡବଲ୍ସରେ ମାନସ ବିଷୋୟୀ ଓ ସ୍ୱାଧୀନ ସାହୁଙ୍କ ଯୋଡି ମୃତ୍ୟୁଞ୍ଜୟ ସାହୁ ଓ ପ୍ରଫୁଲ୍ଲ ବେହେରାଙ୍କ ଯୋଡିକୁ ୨୧-୧୭ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚାମ୍ପିଆନ ହୋଇଥିଲେ। ମହିଳା ବର୍ଗରେ ବନିତା ବେହେରା ପ୍ରଥମ, ଜ୍ୟୋତ୍ସ୍ନା ସାହୁ ଦ୍ୱିତୀୟ ଏବଂ ସ୍ମିତାଲି ତୃତୀୟ ସ୍ଥାନ ଅଧିକାର କରିଥିଲେ। ମ୍ୟାଚର ରେଫରୀ ଭାବେ ଦୀପକ ତିବରୱାଲା ଖେଳ ପରିଚାଳନା କରିଥିଲେ। କୃତି ପ୍ରତିଯୋଗିଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କ୍ଲବର କୋଷାଧକ୍ଷ ଶିବ ନାରାୟଣ ପଣ୍ଡା ପରିଚାଳନା କରିଥିବା ବେଳେ ସଂଯୋଜକ ଭାବେ ମନୋଜ ମହାରଣା କାର୍ଯ୍ୟନିର୍ବାହ କରିଥିଲେ।

## ବ୍ୟାଙ୍କ କର୍ମଚାରୀଙ୍କ ଦେଶବ୍ୟାପୀ ଧର୍ମଘଟ



ବ୍ରହ୍ମପୁର,୨୭ ।୧(ସମିସ): ୫ଦିନିଆ କାର୍ଯ୍ୟ ସପ୍ତାହକୁ ତୁରନ୍ତ କାର୍ଯ୍ୟକାରୀ ଦାବିରେ ମଙ୍ଗଳବାର ଦେଶବ୍ୟାପୀ ବ୍ୟାଙ୍କ କର୍ମଚାରୀଙ୍କ ଦିନିକିଆ ଧର୍ମଘଟ ଡ଼ାକରାରେ ଆମ୍ବପୁଆ ସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଜୋନାଲ ଅଫିସ ସମ୍ମୁଖରେ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧାରଣାରେ ଜୋନାଲ ସେକ୍ରେଟାରୀ ପ୍ରଦୀପ ବେହେରା, ଆସିଷ୍ଟାଣ୍ଟ ଜୋନାଲ ସେକ୍ରେଟାରୀ ସୁଭେନ୍ ଦାଶ, ଜୋନାଲ ପ୍ରେସିଡେଣ୍ଟ ସିମାଞ୍ଚଳ ନାୟକ ଓ ଉପସଭାପତି ଶାନ୍ତନୁ ବେହେରାଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ସହରର ବିଭିନ୍ନ ବ୍ୟାଙ୍କ ଗୁଡିକରେ ଅନୁରୁପ ଭାବେ ଧର୍ମଘଟ ଡାକରାକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସମାଲ ହୋଇଥିଲେ।

## ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ କ୍ୟାମ୍ପ କୋର୍ଟ ଓ ଜନଶୁଣାଣି

# ସମୟ ଅଭାବରୁ ମିଳିପାରିଲାନି ନ୍ୟାୟ





■ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ବିଫଳ ଅଧିକାରୀ : ଅଧକ୍ଷା

■ ଶିଶୁ ମୃତ୍ୟୁ ଘଟଣାରେ କଳାଯମୁନା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆୟୋଗରେ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

ବ୍ରହ୍ମପୁର,୨୭ ।୧(ସମିସ): ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ବ୍ରହ୍ମପୁର ଠାରେ ଉପଖଣ୍ଡସ୍ତରୀୟ କ୍ୟାମ୍ପ କୋର୍ଟ ଓ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏନେଇ ପୂର୍ବରୁ ଲୋକଙ୍କୁ ସୂଚନା ଦିଆଯାଇଥିବାରୁ ବ୍ରହ୍ମପୁର ଉପଖଣ୍ଡର ୭ଟି ବ୍ଲକରୁ ପ୍ରାୟ ୫ଶହ ଅଭିଯୋଗକାରୀ ପହଞ୍ଚିଥିଲେ। ଶିବିର ଆରମ୍ଭରୁ ପ୍ରାୟ ଏକ ଘଣ୍ଟା ବିଳମ୍ବ ଯୋଗୁଁ ଏତେ ସଂଖ୍ୟକ ଅଭିଯୋଗର ଶୁଣାଣି ସମ୍ଭବପର ହୋଇନଥିଲା। ଫଳରେ ସାଢେ ୪ଶହ ଅଭିଯୋଗରୁ ମାତ୍ର ଦେଢ ଶହର ଶୁଣାଣି ହୋଇଥିଲା। ଅବଶ୍ୟ ଅନ୍ୟମାନଙ୍କ ଅଭିଯୋଗ ଗୁଡିକୁ ଆୟୋଗ ଗ୍ରହଣ କରି ନେଇଥିଲେ ହେଁ ଦ୍ରୁତ ନ୍ୟାୟ ନପାଇ ଅନେକ ନିରାଶ ହୋଇଥିଲେ। ଗୋଟିଏ ଦିନରେ କ୍ୟାମ୍ପକୋର୍ଟ ଓ ଜନ ଶୁଣାଣିର ଆୟୋଜନ ଯୋଗୁ କ୍ୟାମ୍ପ କୋର୍ଟ ପରିଚାଳନାରେ ସମସ୍ୟା ଉପୁଜିଥିଲା। ଜନ ଶୁଣାଣିରେ ମୁଖ୍ୟତଃ ରାସନ କାର୍ଡ, ଭତ୍ତା ଓ ଅନ୍ୟାନ୍ୟ ଆର୍ଥିକ ସହାୟତା ନେଇ ଅଭିଯୋଗ ଆସିଥିଲା। କ୍ୟାମ୍ପ କୋର୍ଟରେ ଗଞ୍ଜାମ ଜିଲ୍ଲାର କଳାଯମୁନା ଶ୍ରୀ ସାଇ ସରସ୍ୱତୀ ଶିଶୁ ମନ୍ଦିରରେ ଗତ ଅଗଷ୍ଟ ୨୦୨୪ରେ ହୋଇଥିବା ଶିଶୁ ମୃତ୍ୟୁ ଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କିତ ମାମଲାର ବିଚାରଣା କରାଯାଇଥିଲା। ମୃତ ଶିଶୁର ବାପା ପ୍ରହ୍ଲାଦ ପ୍ରଧାନ ଓ ତାଙ୍କ ପତ୍ନୀ ଆୟୋଗଙ୍କ ନିକଟରେ ହାଜର ହୋଇଥିଲେ। ମାମଲାରେ ଆୟୋଗ ରମ୍ଭା ଥାନା ଅଧିକାରୀଙ୍କ ତଦନ୍ତ ରିପୋର୍ଟ, ଶବ ବ୍ୟବଚ୍ଛେଦ ରିପୋର୍ଟ ତଲବ କରିବା ସହିତ ସମ୍ପୃକ୍ତ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ହାଜର ନିର୍ଦ୍ଦେଶ ଦେଇଥିଲେ। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ହାଜର ହୋଇନଥିବାରୁ ଆୟୋଗ ଅଧକ୍ଷା ବିରକ୍ତି ପ୍ରକାଶ କରିଥିଲେ। ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆୟୋଗଙ୍କ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ ଦେଇଛନ୍ତି।

ସମୟ ଅଭାବରୁ ଯଦିଓ ସବୁ ପଞ୍ଜିକୃତ ଅଭିଯୋଗର ଶୁଣାଣି କରି ନ୍ୟାୟ ପ୍ରଦାନ କରିବା ସମ୍ଭବପର ହୋଇପାରି ନାହିଁ ତଥାପି ସେଗୁଡିକୁ ପର୍ଯ୍ୟାୟ କ୍ରମେ ଶୁଣାଣି କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ଆୟୋଗ ଅଧକ୍ଷା ଶ୍ରୀମତୀ ବବିତା ପାତ୍ର। ସମାଜରେ ଏକକ ଅଭିଭାବକ ବିଶିଷ୍ଟ ପରିବାରର ଶିଶୁଙ୍କ ପାଇଁ ସରକାରଙ୍କ ଅନେକ ଯୋଜନା ରହିଛି। ସେ ସମ୍ପର୍କରେ ଲୋକେ ସଚେତନ ନଥିବା ବେଳେ ବିଭାଗୀୟ ଅଧିକାରୀମାନେ ଅବଗତ ଥାଇ ସୁଦ୍ଧା ଲୋକଙ୍କୁ ଅବଗତ କରୁନଥିବା କହିଛନ୍ତି ଅଧକ୍ଷା। ଏଥିପାଇଁ ବିଦ୍ୟାଳୟସ୍ତରରେ ଶିକ୍ଷକମାନଙ୍କ ଜରିଆରେ ସଚେତନତା ସୃଷ୍ଟି ଉପରେ କମିଶନ ଗୁରୁତ୍ୱାରୋପ କରିଛନ୍ତି। ପ୍ରାୟ ଏକ ଘଣ୍ଟା ବିଳମ୍ବରେ ଜନ ଶୁଣାଣି ଆରମ୍ଭ ହୋଇଥିବା ବେଳେ ଦିର୍ଘ ସମୟ ଧରି ମହିଳାମାନେ ନିଜ ପିଲା ଛୁଆଙ୍କୁ ସାଙ୍ଗରେ ଧରି ଖରାରେ ଖୋଲା ଆକାଶ ତଳେ ଲମ୍ବା ଧାଡ଼ିରେ ଠିଆ ହୋଇ ପଞ୍ଜିକରଣ କରୁଥିବା ଦେଖିବାକୁ ମିଳିଥିଲା। ତେବେ ସମୟ ଅଭାବରୁ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ମଧ୍ୟରେ ଚାଲିଥିବା ଜନ ଶୁଣାଣି ଓ କ୍ୟାମ୍ପ କୋର୍ଟକୁ ଅଧାରୁ ବନ୍ଦ ରଖିବାକୁ ପଡିଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ମହିଳା ଓ ଅଭିଭାବକଙ୍କୁ ନିରାଶରେ ଘରକୁ ଫେରିଥିଲେ। କାର୍ଯ୍ୟକ୍ରମରେ ଆୟୋଗ ଅଧକ୍ଷା ବବିତା ପାତ୍ରଙ୍କ ସମେତ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ ଓ ଆଇନ ପରାମର୍ଶଦାତା ହବିବୁର ରେହେମାନଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଶିଶୁ ଅଧିକାର ସୁରକ୍ଷା ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୭ ।୧(ସମିସ): ଜଣେ ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଭଞ୍ଜନଗରର ଦିଲ୍ଲୀପ କୁମାର ଦଳବେହେରା(୨୫)କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ଅପହୃତା ନାବାଳିକା(୧୬)କୁ ଦୀର୍ଘ ଏକବର୍ଷ ପରେ ଅର୍ଥାତ ଗତକାଲି ପୁଲିସ ଉଦ୍ଧାର କରିଛି। ସେହିପରି ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରି ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ସୂଚନାଯୋଗ୍ୟ ଯେ, ନିମଖଣ୍ଡି ଥାନା ଅଞ୍ଚଳର ଜଣେ ୧୪ବର୍ଷୀୟା ନାବାଳିକାକୁ ଅପହରଣ ନେଇ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତବେଳେ ଦିଲ୍ଲୀପ କୁମାର ଦଳବେହେରା ଅପହରଣ କରିଥିବା ଜାଣିପାରି ତାଙ୍କ ମୋବାଇଲ୍ ଟ୍ରାକିଂ ଜାରି ରଖିଥିଲା। ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅଭିଷେକ ପାଣ୍ଡବ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଦିଲ୍ଲୀପକୁ କାବୁ କରିଛନ୍ତି।

## ଅନ୍‌ଲାଇନ୍ ନିବେଶ ନାଁରେ ୧୦ଲକ୍ଷ ଠକେଇ

ବ୍ରହ୍ମପୁର,୨୭ ।୧(ସମିସ): ଅନ୍‌ଲାଇନ ନିବେଶ ନାଁରେ ବ୍ରହ୍ମପୁର ଆଙ୍କୁଲି ଅଞ୍ଚଳର ଜଣେ ବରିଷ୍ଠ ନାଗରିକଙ୍କ ଠାରୁ ସାଇବର ଠକମାନେ ୧୦ଲକ୍ଷ ୭୪ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ପରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନାରେ ଏକ ମାମଲା ରୁଜୁ ହୋଇଛି। ବରିଷ୍ଠ ନାଗରିକ ଜଣକ ୩ମାସ ପୂର୍ବେ ହ୍ୱାଟସଆପରେ ଆସିଥିବା ମେସେଜ ଲିଙ୍କରେ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହୋଇଥିଲେ। ତାଙ୍କୁ କିଛି ଅନଲାଇନ କାମ ଦିଆଯାଇଥିଲା। ସାରିବା ପରେ କମିଶନ ମିଳିଥିଲା। ଏହାପରେ ନିବେଶ ଲୋକ ଦେଖାଇ ସାଇବର୍ ଠକ ୨ମାସରେ ସେ ମୋଟ ୧୦ଲକ୍ଷ ୭୪ହଜାର ଟଙ୍କା ନିବେଶ କରାଇଥିଲେ। ମାତ୍ର ସେ ଟଙ୍କା ଉଠାଇବାକୁ ଚେଷ୍ଟା କରି ବିଫଳ ହେବାପରେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ।

# ମନ୍ତ୍ରୀଙ୍କ କାର୍ଯ୍ୟକଳାପରେ ଅଣନିଶ୍ୱାସୀ ଦଳୀୟ ବିଧାୟକ; ନେବେ ଚରମ ନିଷ୍ପତ୍ତି

● ଗୋପାଳପୁର ବେଳାଭୂମି ମହୋତ୍ସବରେ ଜନପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ

● ମହୋତ୍ସବକୁ ବର୍ଜନ କରିପାରନ୍ତି ଏକାଧିକ ଦଳୀୟ ବିଧାୟକ

ବ୍ରହ୍ମପୁର,୨୭ ।୧(ସମିସ): ମନ୍ତ୍ରୀଙ୍କ କାର୍ଯ୍ୟକଳାପରେ ଖୋଦ୍ ଶାସକ ଦଳର ବିଧାୟକମାନେ ଖପ୍ପା। ସ୍ଥାନୀୟ ବିଧାୟକମାନଙ୍କୁ ଅଣଦେଖା ଓ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମନ୍ତ୍ରୀ ଅଯଥା ରାଜନୈତିକ ହସ୍ତକ୍ଷେପ କରି ଦଳ ଭିତରେ ବିଶୃଙ୍ଖଳା ସୃଷ୍ଟି ଭଳି ଗୁରୁତର ଅଭିଯୋଗ ଆସିଛି। ପୂର୍ବରୁ ମଧ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣି ଦଳୀୟ ରାଜ୍ୟ ନେତୃବୃନ୍ଦଙ୍କ ନିକଟରେ ଅଭିଯୋଗ କରି ହସ୍ତକ୍ଷେପ ଲୋଡ଼ିଥିଲେ। ତେବେ ବର୍ତ୍ତମାନ ମନ୍ତ୍ରୀଙ୍କ କାର୍ଯ୍ୟକଳାପ ମାତ୍ରାଧିକ ହୋଇଥିବା ଦର୍ଶାଇ ଆଗକୁ ଏହାର ସ୍ଥାୟୀ ସମାଧାନ ନହେଲେ ପରବର୍ତ୍ତି ନିଷ୍ପତ୍ତି ନେବାକୁ ବିଧାୟକମାନେ ବାଧ ହେବେ ବୋଲି ପରୋକ୍ଷରେ ଇସାରା ଦେଇଛନ୍ତି।

ପୂର୍ବରୁ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜଣେ ଅଧିକାରୀଙ୍କୁ ରଖିବା ଓ ବଦଳି କରିବା ନେଇ ଉଭୟ ମନ୍ତ୍ରୀ ଓ ବିଧାୟକଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ସାମାଜିକ ଗଣମାଧ୍ୟମରୁ ଜଣାପଡ଼ିଥିଲା। ପରେ ମନ୍ତ୍ରୀ ସେଥିରୁ ଓହରିବା ପରେ ସମସ୍ୟାର ସମାଧାନ ହୋଇଥିଲା। ସେହିଭଳି ଚିକିଟି ପେଣ୍ଠ ୬ନମ୍ବର ୱାର୍ଡରେ ଥିବା ମହିମା ଆଶ୍ରମର ୫୫ତମ ବାର୍ଷିକ ଉତ୍ସବ ଅବସରରେ ମନ୍ତ୍ରୀ ଜେନା ଅତିଥି ଭାବେ ଯୋଗଦେଇ ଆଶ୍ରମର ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ଯାହା ସ୍ଥାନୀୟ ବିଧାୟକ ମନୋରଂଜନ ଦ୍ୟାନ ସାମନ୍ତରାଙ୍କୁ ଅଜଣାଥିଲା। ପୂର୍ବରୁ ମନ୍ତ୍ରୀଙ୍କ ସହିତ ଜିଲ୍ଲାର ଏକାଧିକ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ଥିବା ମତଭେଦ ଏବଂ ମନାନ୍ତର ଦାଣ୍ଡରେ ପଡି ହାଟରେ ଗଡୁଥିବା ବେଳେ ଅଦିନିଆ ତଥା ତରବରିଆ ଭାବେ ଆୟୋଜିତ ହେଉଥିବା ଗୋପାଳପୁର ବେଳାଭୂମି ମହୋତ୍ସବ ଆୟୋଜନକୁ ନେଇ ବହୁ କଥା ଏବେ ପଦାକୁ ଆସିଛି। ବେଳାଭୂମି ମହୋତ୍ସବ କମିଟିର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଦେଖା ନମିଳିବା, କୌଣସି ସ୍ଥାନରେ ତାଙ୍କର ଫଟୋ ନରହିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି ଜିଲ୍ଲାସ୍ତରୀୟ ମହୋତ୍ସବ କୁହାଯାଉଥିବା ଏହି ମହୋତ୍ସବକୁ ନେଇ ମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଧ୍ୟ ଖୋଦ୍ ସାଂସଦ ଓ ଅନ୍ୟ ବିଧାୟକମାନଙ୍କ ଅନୁପସ୍ଥିତି ସେମାନଙ୍କ ମଧ୍ୟରେ ଥିବା ସବୁ ବିବାଦକୁ ପଦାରେ ପକାଇଛି। ଆଜି ପୁଣି ବେଳାଭୂମି ମହୋତ୍ସବ ଉଦ୍‌ଘାଟନ ପୂର୍ବରୁ ଜିଲ୍ଲାର ୩ଟି ପ୍ରମୁଖ ଦେବୀପୀଠରୁ ମଶାଲ ଶୋଭାଯାତ୍ରା ବାହାରି ବେଳାଭୂମି ମହୋତ୍ସବ ସ୍ଥଳୀକୁ ଅଣାଯାଇଥିଲା। ତାରାତାରିଣୀ ପୀଠରୁ ବାହାରିଥିବା ମଶାଲ ଶୋଭାଯାତ୍ରାରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଳକୁମାରୀଙ୍କ ପୀଠରୁ ବାହାରିଥିବା ମଶାଲ ଶୋଭାଯାତ୍ରରେ ସ୍ଥାନୀୟ ବିଧାୟକଙ୍କୁ ନିମନ୍ତ୍ରଣ କରାଯିବା ଦୂରେ ଥାଉ ତାଙ୍କ ଅଗୋଚରରେ ବିଜେପି ନେତା କାହ୍ନୁ ଚରଣ ପତି ଓ ରଙ୍ଗେଇଲୁଣ୍ଡା ଅର୍ଥାତ୍ ଗୋପାଳପୁର ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଖୋଦ୍ ଚିକିଟିର ବିଜେପି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରାଙ୍କୁ ଅତ୍ୟନ୍ତ ବ୍ୟଥିତ କରିଛି। ଯାହାକୁ ନେଇ ସେ ନିଜର ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରିଛନ୍ତି। ତରବରିଆ ଭାବେ ଗୋପାଳପୁର ବେଳାଭୂମି ମହୋତ୍ସବ ଆୟୋଜନ ଓ ବାରମ୍ବାର ତାରିଖ ପରିବର୍ତ୍ତନ ଯୋଗୁ ଚିକିଟି ନିର୍ବାଚନ ମଣ୍ଡଳୀରେ ଆୟୋଜିତ ହେବାକୁ ଥିବା ସୁନାପୁର ବେଳାଭୂମି ମହୋତ୍ସବରେ ବାଧା ସୃଷ୍ଟି ହୋଇଛି। ଏପରିକି ସମସ୍ତ ପ୍ରସ୍ତୁତି ଶେଷ ସତ୍ତ୍ୱେ ବାଧ ହୋଇ ତାରିଖ ବଦଳାଇବାକୁ ପଡିଛି।



ନିଜେ ନିର୍ବାଚନମଣ୍ଡଳୀରେ ଉପସ୍ଥିତ ଥିବା ସତ୍ତ୍ୱେ ମା' ବାଳକୁମାରୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କୁ ନଜଣାଇବା ଘଟଣାକୁ ନେଇ ସେ ଦୁଃଖିତ ଓ ମର୍ମାହତ। ଏଥିପାଇଁ ସେ ମନ୍ତ୍ରୀଙ୍କ ସମେତ ପ୍ରଶାସନକୁ ମଧ୍ୟ ଦାୟୀ କରିଛନ୍ତି। ଜଣେ ନିର୍ବାଚିତ ପ୍ରତିନିଧି ସେ ପୁଣି ଶାସକ ଦଳର ବିଧାୟକଙ୍କୁ ଏଭଳି ଅଣଦେଖା ଆଦୌ ଶୋଭନୀୟ ନୁହେଁ। ଏଣୁ ସେ ଆଗକୁ କି ପ୍ରକାର ପଦକ୍ଷେପ ନେବେ ତାହା ସମୟ କହିବ ବୋଲି ସେ ସ୍ପଷ୍ଟ ସୂଚନା ଦେଇଛନ୍ତି। ସେପଟେ କିନ୍ତୁ ନିଜ ଦଳର ଜନ ପ୍ରତିନିଧିଙ୍କ ପ୍ରତି ମନ୍ତ୍ରୀଙ୍କ ଏଭଳି ଆଚରଣ ଯୋଗୁଁ ଗୋପାଳପୁର ବେଳାଭୂମି ମହୋତ୍ସବକୁ ବିଭିନ୍ନ ଆଳ ଦେଖାଇ ସାଂସଦ ଓ ଏକାଧିକ ବିଧାୟକ ଅନୁପସ୍ଥିତ ରହିବା ଜଳଜଳ ହୋଇ ଦେଖାଯାଉଛି।

**ଶିଶୁକୁ ଅପହରଣ ପରେ ଦୁଷ୍କର୍ମ ଉଦ୍ୟମ ମାମଲା**

# ଅଭିଯୁକ୍ତକୁ ୫ ବର୍ଷ ଜେଲ୍

ପାରଳାଖେମୁଣ୍ଡି,୨୭ ।୧(ସମିସ): ୨୦୨୪ରେ ଘଟିଥିବା ଜଣେ ଶିଶୁଙ୍କୁ ଅପହରଣ ପରେ ଦୁଷ୍କର୍ମ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ୍ ବିଭୁ ପ୍ରସାଦ ପଣ୍ଡା ପୋକ୍ସୋ ଆକ୍ଟର ଧାରା ୧୦ରେ ପାରଳାଖେମୁଣ୍ଡିସ୍ଥିତ କୁମ୍ଭାରସାହିର ଅଭିଯୁକ୍ତ ବାଇନାପଲ୍ଲୀ ଚନ୍ଦ୍ରଶେଖର (୫୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡ ପାଇଁ ନ୍ୟାୟାଧୀଶ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ବିଚାରପତି ନିଜ ରାୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୫୦ ହଜାର ଟଙ୍କା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେସାଲ ପିପି ଏମ୍.ପଥ୍ୱୀରାଜ ମାମଲା ପରିଚାଳନା କରିଥିବାବେଳେ ଏପିପି ୱାଇ. ଶିବକୁମାର ସହଯୋଗ କରିଥିବା ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ଗତ ୨୦୨୪ ସେପ୍ଟେମ୍ବର ୧୫ରେ ପାରଳାଖେମୁଣ୍ଡିରେ ଗଣେଶ ବିସର୍ଜନ ଚାଲିଥିଲା ବେଳେ ବାପାଙ୍କ ସହ ବାଳିକା ଭଷାଣି ଦେଖୁଥିଲା। ସେହି ସମୟରେ ଶୋଷ ଲାଗିବାରୁ ପାଣି ପିଇବାକୁ ବାପା ଘର ଭିତରକୁ ଯାଇଥିଲେ। ପରେ ଆସି ଦେଖିବା ବେଳକୁ ଝିଅ ସେଠାରେ ନଥିଲା। ଚାରିଆଡେ ଖୋଜାଖୋଜି ପରେ ତାଙ୍କ ଝିଅଙ୍କୁ କିଏ ଜଣେ ଟାଟା ଏସି କାରରେ ନେଇଥିବା ସ୍ଥାନୀୟ ଲୋକେ କହିଥିଲେ। ବାପା ଖୋଜାଖୋଜି କରିବାବେଳେ ଚନ୍ଦ୍ରଶେଖର ଶିଶୁକୁ ବଳାତ୍କାର ଉଦ୍ୟମ କରୁଥିବା ଦେଖିବାକୁ ପାଇଥିଲେ। ଅନ୍ୟମାନଙ୍କ ସହଯୋଗରେ ଶେଖର ନିଜ ଝିଅକୁ ଉଦ୍ଧାର କରିବା ସହ ୧୬ ତାରିଖରେ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ କରି ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କୁ କୋର୍ଟ ଚାଲାଣ କରିଥିଲା। ଆଜି ୨୦ଜଣଙ୍କ ସାକ୍ଷ୍ୟପ୍ରମାଣ ତଥା ୧୭ଟି ଦସ୍ତାବିଜକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଚକାପାଦ,୨୭।୧(ସମିସ): ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ପୂର୍ବତନ ସରପଞ୍ଚ ଭୁବନେଶ୍ୱର ମଳିକ(୯୩)ଙ୍କ ପରଲୋକ ହୋଇଛି। ଏହି ଖବର ଜଣାପଡିବା ପରେ ସମଗ୍ର ଲାଇନପଡା ଅଂଚଳରେ ଶୋକର ଛାୟା ଖେଳିଯାଇଛି। ସେ ଲାଇନପଡା ଅଂଚଳର ଆଦିବାସୀ ସମାଜର ଜଣେ ପୁରୁଖା ଏବଂ ବୟସ୍କ ବ୍ୟକ୍ତି ଥିଲେ। ତାଙ୍କର ଶବ ଶୋଭାଯାତ୍ରାରେ ଅଂଚଳର ବହୁ ବ୍ୟକ୍ତି ସାମିଲ ହୋଇଥିଲେ।

**ମଧ୍ୟାହ୍ନଭୋଜନ ବନ୍ଦ ଘଟଣା**

## ସମସ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ଦାରିଙ୍ଗବାଡ଼ି,୨୭।୧(ସମିସ): ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ପଞ୍ଚାୟତ ଡକରବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଓ ମଧ୍ୟାହ୍ନଭୋଜନ ନପାଇ ଛାତ୍ରଛାତ୍ରୀ ଭୋକରେ ଫେରିଯିବା ଘଟଣାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ ପ୍ରଧାନ ଶିକ୍ଷକଙ୍କ ସମେତ ୫ ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଦରମା ବନ୍ଦ କରିଥିବା ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ, ଡକରବାଡ଼ି ସ୍କୁଲରେ ପ୍ରଥମରୁ ଷଷ୍ଠ ଶ୍ରେଣୀରେ ୬୫ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ୫ ଜଣ ଶିକ୍ଷକ ଶିକ୍ଷାଦାନ ପାଇଁ ନିଯୁକ୍ତି ହୋଇଛନ୍ତି। ଗତ ଶନିବାର ଦିନ କୌଣସି ଶିକ୍ଷକ ସ୍କୁଲ ଆସି ନଥିଲେ। ଫଳରେ ପିଲାମାନେ ଅପେକ୍ଷା କରି କରି ମଧ୍ୟାହ୍ନ ଭୋଜନ ନପାଇ ଫେରିଯାଇଥିଲେ।

## ଗଜପତିରେ ବ୍ୟାଙ୍କ ଧର୍ମଘଟ



ପାରଳାଖେମୁଣ୍ଡି,୨୭ ।୧(ସମିସ): ସପ୍ତାହରେ ୫ କାର୍ଯ୍ୟ ଦିବସ ଦାବିରେ ସର୍ବଭାରତୀୟ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନର ବନ୍ଦ ଡାକରା କ୍ରମେ ଆଜି ଗଜପତି ଜିଲ୍ଲାର ବିଭିନ୍ନ ବ୍ୟାଙ୍କ ସେବା ବନ୍ଦ ରହିଛି। ଦାବି ପୂରଣ ଲାଗି ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନ କରିଥିଲେ। କୌଣସି ବ୍ୟାଙ୍କ୍ କାରବାର ବା ଦେଣନେଣ ହୋଇପାରି ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଲଗାତାର ୪ଦିନ ଧରି ବ୍ୟାଙ୍କ ଛୁଟି ରହିଥିବା ବେଳେ ଆଜି ବ୍ୟାଙ୍କ ସମୂହର ଧର୍ମଘଟ ଯୋଗୁ ପଞ୍ଚମ ଦିନରେ ସେବା ନପାଇ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହାସହ ବୁଧବାର ମଧ୍ୟ ନବ ନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡାକରାରେ ବ୍ୟାଙ୍କ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ଉପୁଜିଛି।

## ଧାନମଣ୍ଡିରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ପାରଳାଖେମୁଣ୍ଡି,୨୭ ।୧(ସମିସ): ଗୋଷାଣି ବ୍ଲକ ଅଗରଖଣ୍ଡି ପଞ୍ଚାୟତ ସଦରମହକୁମାରେ ଥିବା ଅସ୍ଥାୟୀ ଧାନମଣ୍ଡି ତଥା ପ୍ରାଥମିକ କୃଷି ସମବାୟ ସମିତିରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଡି.ଖଗେଶ୍ୱର ରାଓ ଆଜି ଏନେଇ ଗୁରାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

**ଧାନକିଣା ବନ୍ଦ, ଚାଷୀ ହଇରାଣ**



ଦୁର୍ବୃତ୍ତ ମାନେ ରାତ୍ର ଜଗୁଆଳୀଙ୍କ ଅନୁପସ୍ଥିତିରେ ଖୋଲାମେଲାରେ ରହିଥିବା ଅସ୍ଥାୟୀ ଧାନମଣ୍ଡିରେ ପଶି ସରକାରଙ୍କ ପକ୍ଷରୁ ଲଗାଯାଇଥିବା ସିସି କ୍ୟାମେରା ଏବଂ ଏହାର ସମସ୍ତ ଉପକରଣ, ପ୍ରିଣ୍ଟର, ଧାନ ଆଦ୍ରତା ମାପକ ଯନ୍ତ୍ର, ଓଜନ ମେସିନ୍, ଟାର୍ପଲିନ୍ ସହ ବିଭିନ୍ନ ଧାନ ମାପକ ଯନ୍ତାଂଶ ଚୋରି ହୋଇଥିବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ କରିଛି। ଧାନ ମଣ୍ଡି ପରିସରରେ ତିନୋଟି ମଦବୋତଲ ସମେତ ଖାଇବା ସାମଗ୍ରୀ ଓ ତିନୋଟି ଗ୍ଲାସ ପଡିଥିବା ବେଳେ କାର୍ଯ୍ୟାଳୟର ଟେବୁଲ ଉପରେ ଖାଇବା ସାମଗ୍ରୀ ପଲିଥିନ ଆଦି ପକାଇ ଦେଇଛନ୍ତି ଦୁର୍ବୃତ୍ତ। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ତିନି ଲକ୍ଷଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି। ବିଭିନ୍ନ ଉପକରଣ ଚୋରି ଯାଇଥିବାରୁ ମଣ୍ଡିକୁ ଧାନ ଧରି ଆସିଥିବା ଚାଷୀଙ୍କ କୌଣସି କାର୍ଯ୍ୟ ସମ୍ପାଦନ ହୋଇପାରିନି। ଦିନତମାମ ଅପେକ୍ଷା କରି ରହିଥିବା ବେଳେ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରି ମଣ୍ଡି ଚଳାଇବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

**ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍;**

## ଜିଲ୍ଲା ପ୍ରଶାସନ ଏକାଦଶ ବିଜୟୀ



ପାରଳାଖେମୁଣ୍ଡି,୨୭ ।୧(ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ ଗଣମାଧ୍ୟମ ଏକାଦଶଓଜିଲ୍ଲାପ୍ରଶାସନଏକାଦଶମଧ୍ୟରେଏକବନ୍ଧୁତ୍ୱପୂର୍ଣ୍ଣକ୍ରିକେଟ୍ମ୍ୟାଚ୍ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ଖେଳ ପଡିଆରେ ହୋଇଥିଲା। ଏଥିରେ ଜିଲ୍ଲା ପ୍ରଶାସନ ଏକାଦଶ ବିଜୟୀ ହୋଇଛି। ଉକ୍ତ ମ୍ୟାଚ୍‌ରେ ସନ୍ତୋଷ କୁମାର ପ୍ରଧାନ ଜିଲ୍ଲା ପ୍ରଶାସନ ଏକାଦଶ ତରଫରୁ ଦଳ ପାଇଁ ବ୍ୟାଟିଂ କରି ୪୬ ରନ ଓ ଏକ ଓଭର ବୋଲିଂ କରି ଏକ ୱିକେଟ୍ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ସହକାରୀ ଜିଲ୍ଲାପାଳ ତଥା ଭାରପ୍ରାପ୍ତ କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ ଉପସ୍ଥିତ ଥିଲେ।

## ଶତାଧିକ ଗ୍ରାମବାସୀ ବିଜେଡିରେ ସାମିଲ



କାଶୀନଗର,୨୭।୧(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକର ଖାରଡ଼ା ପଂଚାୟତ ଧୋବାଜୟପୁର ଗ୍ରାମରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ପାରଳା ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା, ଗଜପତି ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକଙ୍କ, ଜିଲ୍ଲା ବିଜେଡି ଯୁବ ସଭାପତି ଲେଙ୍କା ସୀମାଦ୍ରି, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ବିଶ୍ୱଜିତ୍ ତ୍ରିପାଠୀ ସହ ବ୍ଲକ ବିଜେଡି ସଭାପତି ତଥା ଖାରଡ଼ା ସରପଞ୍ଚ ଅଖିଳ ପାତ୍ର ମଂଚାସୀନ ଥିଲେ। ବିଜେଡି ସରକାର ଅମଳରେ ହୋଇଥିବା ଜନକଲ୍ୟାଣ ଯୋଜନା ନେଇ ବକ୍ତବ୍ୟ ରଖିଥିଲେ ବିଧାୟକ। ଏଥିରେ ଧୋବା ଜୟପୁର ଗ୍ରାମର ଶତାଧିକ ଲୋକ ବିଜେଡିରେ ସାମିଲ ହୋଇଥିଲେ।

**ଜିଲ୍ଲାସ୍ତରୀୟ ୭୭ତମ ଜନରାଜ୍ୟ ଦିବସ**

# 'ସମ୍ବିଧାନ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମାନତା ଦେଇଛି'



ପାରଳାଖେମୁଣ୍ଡି,୨୭ ।୧(ସମିସ): ଗଜପତି ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଆମ ସମ୍ବିଧାନ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମାନତା ଦିଗରେ ସମସ୍ତ ଜନସାଧାରଣଙ୍କୁ ସୁଯୋଗ ଦେଇଛି ବୋଲି କହିଥିଲେ। ଏହି ଉତ୍ସବରେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ. ନାଗାରାଜୁ, କମାଣ୍ଡାଣ୍ଟ ଓଏସଏପି ତୃତୀୟ ବାଟାଲିୟନ ଅଶୋକ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନୀଲ କାନ୍ତ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତ୍ରିପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଥିଲେ। ଏହି ଅବସରରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା କ୍ରୀଡ଼ାବିତ୍, କର୍ମଚାରୀ ଓ ସେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବିଭାଗ ପରେଡ ପ୍ରତିଯୋଗିତାରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନସିସି ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମହାରାଜାଙ୍କ ବାଳକ ବିଦ୍ୟାଳୟର ଏନସିସି ଆର୍ମି ୱଙ୍ଗ ଦଳ ଦ୍ୱିତୀୟ ହୋଇଥିଲା। କନିଷ୍ଠ ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସେଣ୍ଟ ବିନସେଣ୍ଟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବିଭନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପରେଡକୁ ପୁଲିସ ଆର୍‌ଆଇ ନିରଞ୍ଜନ ନାୟକ ପରିଚାଳନା କରିଥିଲେ।

**ଦାରିଙ୍ଗବାଡ଼ି:** ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ବ୍ଲକସ୍ତରୀୟ



ସାଧାରଣତନ୍ତ୍ର ଦିବସରେ ବିଡ଼ିଓ ପ୍ରୀତିରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ତହସିଲଦାର ଧିରୋଜ ପାତ୍ର, ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳାନନ୍ଦ ନାୟକ, ସିଡ଼ିପିଓ ସନ୍ଧ୍ୟାରାଣୀ ପଣ୍ଡା ଓ ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ କର୍ମଚାରୀ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପରେଡ଼ରେ ଭାଗ ନେଇଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମୋହନ ସାହୁଙ୍କ ସମେତ କ୍ରୀଡ଼ା ଶିକ୍ଷକ ରଶ୍ମିରଞ୍ଜନ ତ୍ରିପାଠୀ ପରେଡ଼ ପରିଚାଳନା କରିଥିଲେ।

**ଗୋଷାଣି:** ଗୋଷାଣି ବ୍ଲକ ସଦର ମହକୁମା ସ୍ଥିତ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନାଙ୍କ



ସମେତ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ସମସ୍ତ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ରାଇକିଆ:** ରାଇକିଆ ବିଜୟ ହାଇସ୍କୁଲ୍‌ରେ ଅନୁଷ୍ଠିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୀନା ପ୍ରଧାନ ପତାକା ଉତ୍ତୋଳନ କରିବା ସହ ଛାତ୍ରୀଛାତ୍ରଙ୍କୁ ନେଇ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି



ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦର୍ଶନ କରିଥିବା ବ୍ୟକ୍ତି ବିଶେଷ ଓ ମହିଳା ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ସବ୍ୟସାଚୀ ସାହୁ, ଥାନା ଅଧିକାରୀ ଏ.ସ୍ୱର୍ଣ୍ଣଲତା ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକଙ୍କ ସମେତ ଏବଂ ବିଭିନ୍ନ ଅନୁଷ୍ଠାନରୁ ନିମନ୍ତ୍ରିତ ଅତିଥି, ଲୋକ ପ୍ରତିନିଧି ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମସେଶ୍ ଦିଗାଲ ଏବଂ ଜୟାନନ୍ଦ ନାୟକ ଏବଂ କମିଟି ସଦସ୍ୟ ସଂଯୋଜନା କରିଥିଲେ।

### ତୁମୁଡ଼ିବନ୍ଧ କୃଷି ବିଭାଗରେ ଉଡ଼ିଲାନି ତ୍ରିରଙ୍ଗା

ତୁମୁଡିବନ୍ଧ: ଦେଶର କୋଣ ଅନୁକୋଣରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ କୃଷି କାର୍ଯ୍ୟାଳୟରେ କିନ୍ତୁ ପାଳନ କରାଯାଇ ନଥିଲା। କାର୍ଯ୍ୟାଳୟରେ ତାଲା ପଡିଥିବା ଦେଖାଯାଇଥିଲା। କୃଷି ଅଧିକାରୀ କାର୍ଯ୍ୟାଳୟରେ ତାଲା ପକାଇ ଘରକୁ ପଳାଇଥିଲେ। ଏଥିନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଜଡିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

**ଜି.ଉଦୟଗିରି:** ଜି.ଉଦୟଗିରିର ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ସହିତ ହବାକ ହାଇସ୍କୁଲ ଖେଳପଡିଆରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ବିଡ଼ିଓ ସତ୍ୟନାରାୟଣ ମିଶ୍ର ମିଳିତ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ଥାନା ଅଧିକାରୀ ବିଜୟ



କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଭାପତି ବିନୋଦ ବିହାରୀ ଦାଶ, ପ୍ରେସ୍‌କ୍ଲବ ତରଫରୁ ଆୟୋଜିତ ଉତ୍ସବରେ ସଭାପତି ରାମକୃଷ୍ଣ ଚୌଧୁରୀ, ଏନ୍‌ଏସିରେ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ବ୍ୟବସାୟୀ ସଂଘ ତରଫରୁ ଗାନ୍ଧୀ ଛକରେ ଆୟୋଜିତ ଉତ୍ସବରେ ସଭାପତି ସମୀର କୁମାର ପାଢ଼ୀ ଓ ବାର୍ ଆସୋସିଏସନରେ ସଭାପତି ଦୀପକ ଭରଦ୍ୱାଜ ପତାକା ଉତ୍ତୋଳନ କରିଥିଲେ।

**ବ୍ରାହ୍ମଣୀଗାଁ:** ବ୍ରାହ୍ମଣୀଗାଁ ନିକଟସ୍ଥ ୮ ପଞ୍ଚାୟତରେ ଜନରାଜ୍ୟ ଦିବସ ପାଳିତ ହୋଇଛି। ଏହି ଅଞ୍ଚଳରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଥାନା, ଲ୍ୟାମ୍ପ୍ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ବନ ବିଭାଗ କାର୍ଯ୍ୟାଳୟ, ଭାରତୀୟ



ଷ୍ଟେଟ୍ ବ୍ୟାଙ୍କ ତଥା ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ପ୍ରଭାତଫେରି ସହ ପତାକା ଉତ୍ତୋଳନ କରାଯାଇଥିଲା। ଛାତ୍ରଛାତ୍ରୀ ସହର ପରିକ୍ରମା କରିଥିଲେ।

**ବାଲିଗୁଡା:** ବାଲିଗୁଡାରେ ଉପଖଣ୍ଡସ୍ତରୀୟ ଜନରାଜ୍ୟ ଦିବସ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ପାଳନ କରାଯାଇଥିଲା। ଉପଜିଲ୍ଲାପାଳ ପ୍ରଣିତା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ



ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ତୁମୁଡିବନ୍ଧ ବ୍ଲକ ଦୁର୍ଗମ ଅଞ୍ଚଳ ବେଲଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ ନର୍ସ ସିଦ୍ଧୁଲତା ଜାନି ରାତିରେ ଲଣ୍ଠନ ଲଗାଇ ଜଣେ ଗର୍ଭବତୀ ମହିଳାଙ୍କୁ ପ୍ରସୂତି କରାଇ ଶିଶୁ ଓ ମାଙ୍କ ଜୀବନ ବଞ୍ଚାଇଥିବା ଏବଂ ବାଲିଗୁଡ଼ା ବନ୍ଧସାହିର ଅଭିମନ୍ୟୁ ପ୍ରଧାନଙ୍କୁ ଏହି ଅବସରରେ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ପରେ ପରେ ବିଭିନ୍ନ ପରେଡ ଓ ପ୍ରତିଯୋଗିତାରେ କୃତକାର୍ଯ୍ୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭମ ଭୋସଲେ ଓ ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଯୋଗ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିବ ଶଙ୍କର, ଅଭିମନ୍ୟୁ ପ୍ରଧାନ, ରଶ୍ମି ରଞ୍ଜନ ମହାରଣା, ତୀର୍ଥବାସୀ ଘଡେଇ ସହଯୋଗ କରିଥିଲେ।

**ଟିକାବାଲି:** ଟିକାବାଲି ବ୍ଲକର ବିଭିନ୍ନ ସ୍ଥାନରେ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ଟିକାବାଲି ପ୍ରେସ ଆସୋସିଏସନ ପକ୍ଷରୁ ସୂତାକଳ ନିକଟରେ ସଭାପତି ଗଣେଶ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳିତ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଆସୋସିଏସନର ଆଇନ ଉପଦେଷ୍ଟା ମନୋଜ ସାମଲ ଯୋଗ ଦେଇଥିଲେ। ଏହି ଅବସରରେ ସାମ୍ବାଦିକ ସଂଘ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଓ ମା' ଗୃହରେ ରୋଗୀ ଏବଂ ଗର୍ଭବତୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିରଞ୍ଜନ ଜେନା ସହଯୋଗ କରିଥିଲେ। ଡେଙ୍ଗଡ଼ାପଥର ଗ୍ରାମ୍ୟ କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ମା' ବରାଳଦେବୀ ରାଜ୍ୟ ସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ସଭାପତି ରାମବିଶି ଦିଗଲ ପତାକା ଉତ୍ତୋଳନ କରିଥିଲେ। ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ବ୍ଲକସ୍ତରୀୟ ମିଳିତ ପରେଡ ଓ ପତାକା ଉତ୍ତୋଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।

**ଫିରିଙ୍ଗିଆ:** ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ମୁଖ୍ୟାଳୟରେ ବିଡିଓ ଅନୁପ ଅଭିଷେକ ବେହେରା ପତାକା ଉତ୍ତୋଳନ କରିଥିଲେ। ସମ୍ମାମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ନମିତା କହଁର, ଥାନା ଅଧିକାରୀ ମୁରଲୀ ଧର ସାହୁ, ଅଗ୍ନିଶମ ଅଧିକାରୀ ସରୋଜ କୁମାର ମହାପାତ୍ର, ସାଂସଦ ପ୍ରତିନିଧି ଗୋଲକ ଗୋଲକ କହଁର, ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ, ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ, ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ଏପିଓ ସୁମନ୍ତ ଉଠାଣ ସିଂ ଓ ଏଲଏମ



ସଂଗ୍ରାମ କେଶରୀ ସାହୁ ଓ ନିର୍ବାହୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା ଯୋଗ ଦେଇଥିଲେ। ଅନୁଷ୍ଠିତ ପରେଡରେ ୨୨ ଦଳ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଅକ୍ଷୟ କହଁର, ଲକ୍ଷ୍ମୀକାନ୍ତ ସାହୁଙ୍କ ସହ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପରେଡ଼ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଫିରିଙ୍ଗିଆ ଅଞ୍ଚଳର ବରିଷ୍ଠ ଭାଷ୍ୟକାର ତଥା ଶିକ୍ଷାବିତ ସୁଶାନ୍ତ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ସାଧାରଣତନ୍ତ୍ର ଦିବସ ଅବସରରେ ବ୍ଲକ ପ୍ରଶାସନ ତରଫରୁ ସନ୍ତୋଷ ଟ୍ରଫି ଖେଳିଥିବା ଫିରିଙ୍ଗିଆ ବ୍ଲକ ଖଜୁରୀପଡା ଗାଁର ଯୁବ ଫୁଟବଲ ଖେଳାଳି ହରିଶଙ୍କର ନାୟକ ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ମହିଳା ଉଦ୍ୟୋଗୀ ବବଡଙ୍ଗିଆର କୁସୁମ କହଁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ଅନୁପ ଅଭିଷେକ ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକ ବିଜେଡି ତରଫରୁ ବ୍ଲକ ଛକ ବିଜୁ ପ୍ରତିମୂର୍ତ୍ତି ନିକଟରେ ବ୍ଲକ ବିଜେଡି ସଭାପତି ରଜନୀ ମଲିକ, ଡ୍ରାଇଭର ସଂଘ ତରଫରୁ ବ୍ଲକ ସଭାପତି ପ୍ରଶାନ୍ତ ଦିଗାଲ ପତାକା ଉତ୍ତୋଳନ କରିଥିଲେ।

**ଚକାପାଦ:** କନ୍ଧମାଳ ଜିଲ୍ଲା ଚକାପାଦ ପଞ୍ଚାୟତସମତିରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ବଇନେତ୍ରୀ କଁହର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ସରପଞ୍ଚ ମାନେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୁସୁମେଣ୍ଡି ପଞ୍ଚାୟତରେ ସରପଞ୍ଚ ସୁମାରୀ କହଁର, ଲାଇନପଡା କଲେଜରେ ଅଧ୍ୟକ୍ଷ, ପିଏମଶ୍ରୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷ. ମେଲଣ ପଡିଆରେ ଦଳିତ ସମାଜ ସଭାପତି ତାରିଣୀ ଚରଣ ବେହେରା, ଶିବଶକ୍ତି ଯୁବକ ସଙ୍ଘରେ ମହେଶ୍ୱର ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମସ୍ତ ପ୍ରାଥମିକ ବିଦ୍ୟାଳୟ, ବ୍ୟାଙ୍କ, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ










**ଛତ୍ରପୁର,୨୭ ।୧(ସମିସ):**

ଛତ୍ରପୁର ପୁଲିସ୍ ପରେଡ଼ ପଡ଼ିଆରେ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିବା ସହ ଗଞ୍ଜାମ ମାଟିର ବୀର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତିଚାରଣ କରିଥିଲେ । ଗୋପାଳପୁର ବେଳାଭୂମି ମହୋତ୍ସବ ଠାରୁ ଆରମ୍ଭକରି ଜିଲ୍ଲାର ସମସ୍ତ ବଡ ମହୋତ୍ସବରେ ଆମେ ଆମର ଲୋକକଳା ଓ ଲୋକନୃତ୍ୟକୁ ପ୍ରାଧାନ୍ୟ ଦେଉଛୁ । କାରଣ ଏଗୁଡିକ ଆମର ପ୍ରକୃତ ପରିଚୟ ବୋଲି ଜିଲ୍ଲାପାଳ କହିଥିଲେ ।

ପରେଡରେ ୩୭ଟି ଦଳ ଅଂଶ ଗ୍ରହଣ କରିଥିଲେ । ରିଜର୍ଭ ଇନ୍ସପେକ୍ଟର ବିକାଶ ଚନ୍ଦ୍ର ସେନାପତି ଓ ସେକେଣ୍ଡ ଇନ୍ କମାଣ୍ଡ, ସର୍ଜେଣ୍ଟ ଅଫ୍ ପୁଲିସ୍ ବିଶ୍ୱମ୍ବର କହଁରଙ୍କ ତତ୍ତ୍ୱାବଧାନରେ ପରେଡ୍ ପରିଚାଳିତ ହୋଇଥିଲା । ପଦ୍ମଶ୍ରୀ ପାଇଁ ମନୋନୀତ ସୀମାଞ୍ଚଳ ପାତ୍ର, ଡାକ୍ତର ରାଜେନ୍ଦ୍ର ପ୍ରଧାନ, କ୍ରୀଡାବିତ୍ ତେମ୍ପାଲା ଶଙ୍କର, ସଫଳ ଚାଷୀ କେଦାର ଜେନା, ଦାସକାଠିଆ ଗାୟକ ଭୂଷଣ, ଉପେନ୍ଦ୍ର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାରୋହରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ସୁଧାଂଶୁ କୁମାର ଭୋଇ, ସୁନୀଲ କୁମାର କେର୍କେଟା ଓ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଉପ- ଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ବହୁ ବୁଦ୍ଧିଜୀବୀ, ଜିଲ୍ଲାସ୍ତରୀୟ ଅଧିକାରୀ, ପୁଲିସ ଅଧିକାରୀ, ସାମ୍ବାଦିକ ବନ୍ଧୁଗଣ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଜିଲ୍ଲା ପ୍ରଶାସନ ଏକାଦଶ ଓ ଗଣ ମାଧ୍ୟମ ଏକାଦଶଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପ୍ରଶାସନ ତରଫରୁ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା, ସୁନୀଲ କୁମାର କେର୍କେଟା, ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶୀଷ ବରାଳ, ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ ଇଂ ଦେବାଶିଷ ସ୍ୱାଇଁ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ ଓ ଗଣମାଧ୍ୟମ ଏକାଦଶ ତରଫରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଗଣମାଧ୍ୟମର ବ୍ୟକ୍ତି ବିଶେଷ ଖେଳିଥିଲେ ।

**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ । ବିଡ଼ିଓ ଅନାମିକା ପାଣ୍ଡେ, ଅତିରିକ୍ତ ବିଡ଼ିଓ ଉମେଶ ଚନ୍ଦ୍ର ସେଠୀଙ୍କ ସମେତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ସେହିପରି କୋର୍ଟ କମ୍ପ୍ଲେକ୍ସ ପରିସରରେ ସିଭିଲ କୋର୍ଟ ସିନିୟର୍ ଡିଭିଜନର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା ପତାକା ଉତ୍ତୋଳନ କରିଥିଲେ । ଜେଏମଏଫସି କୋର୍ଟର ମାଜିଷ୍ଟ୍ରେଟ ନୀଳିମା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ସଭାପତି ହୃଦୟ ରଞ୍ଜନ ମେକାପ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସଂଘ ସମ୍ପାଦକ ପ୍ରଦୀପ କୁମାର ନାୟକ ଏବଂ ବହୁ ସଂଖ୍ୟକ ଆଇନଜୀବି ଉପସ୍ଥିତ ଥିଲେ ।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ବିଭିନ୍ନ ସ୍କୁଲ, କଲେଜ, ଅଫିସ, ଅନୁଷ୍ଠାନରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ହସ୍ତତନ୍ତ ସମବାୟ ସମିତି କାର୍ଯ୍ୟାଳୟରେ ଅବସରପ୍ରାପ୍ତ ବିତ୍ତ ଅଧିକ୍ଷରୀ ବାଲ ଚିରଞ୍ଜିବି ପାତ୍ର ଜାତୀୟ ପତାକା ଉତୋଳନ କରିଥିଲେ । ଆର. ବାବୁଲା ପାତ୍ରଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ଆର. ଭାସ୍କର ପାତ୍ର, ଏ. ନାଗେଶ୍ୱର ପାତ୍ର, ଏ. ଅଜିତ ପାତ୍ର, ନାଗେଶ୍ୱର ଅଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ସିନ୍ଦୁରିଆପଡା ବନଦେବୀ ଆଇଟିସି ଠାରେ ଏହାର ପ୍ରତିଷ୍ଠାତା ଇଂ. ଦିଲ୍ଲୀପ କୁମାର ଖଣ୍ଡୁଆଳ ତତ୍ତ୍ୱାବଧାନରେ ସମାଜସେବୀ ମାହେଶ୍ୱରୀ ଦୋରା ପତାକା ଉତ୍ତୋଳନ କରିଥିଲେ । କବିସୂର୍ଯ୍ୟ ସ୍ମୃତି ସଂସଦରେ ତହସିଲଦାର ଡ଼ଃ. ରବୀନ ଚର୍ଚ୍ଚିଲ ମିଶ୍ର ପତାକା ଉତୋଳନ କରିଥିଲେ ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ସିଭିଲକୋର୍ଟରେ ଆସିଷ୍ଟାଣ୍ଟ ସେସନ୍ ଜଜ୍ ଶରତ କୁମାର ସାହୁ ଜାତୀୟ ପତକା ଉତ୍ତୋଳନ କରିଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଅନନ୍ୟା ଅପରମିତା ଉପସ୍ଥିତ ଥିଲେ । ତହସିଲ କାର୍ଯ୍ୟାଳୟରେ ତହସିଲଦାର ବିନୋଦ କୁମାର ବେହେରା, ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ଏସଡିପିଓ କାର୍ଯ୍ୟାଳୟରେ ଏସଡିପିଓ ସୁଜିତ କୁମାର ନାୟକ, ଥାନାରେ ଥାନା ଅଧିକାରୀ ରାଜେଶ କୁମାର ନାୟକ, ହିନ୍ଦୀ ପ୍ରଚାର ସଭାରେ ଏ ରାଜୁ ଗୋପାଳ ରାଓ, ପ୍ରେସ କ୍ଲବରେ ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର ପତକା ଉତ୍ତୋଳନ କରିଥିଲେ । ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ରଥଙ୍କ ଆବାହକତ୍ୱରେ ପିଏମ୍ଶ୍ରୀ ବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା । ସଭାପତି ତହସିଲଦାର ବିନୋଦ କୁମାର ବେହେରା, ମୁଖ୍ୟ ଅତିଥି ବିଡିଓ ଶରତ କୁମାର ପାତ୍ର, ମୁଖ୍ୟବକ୍ତା ଏସଡିପିଓ ସୁଜିତ କୁମାର ନାୟକ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ଏନ୍ ଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଯୋଗ ଦେଇ ବ୍ଲକ ସ୍ତରୀୟ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ଦେଇଥିଲେ ।

**ରମ୍ଭା:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଅବସରପ୍ରାପ୍ତ ସେନାଧ୍ୟକ୍ଷ ମୃତ୍ୟୁଞ୍ଜୟ ରାଉଳ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ପ୍ରଧାନଚାର୍ଯ୍ୟ ଶ୍ରୀଧର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଭାପତି ଏମ. ନରସିଂହ ସୁବୁଦ୍ଧି, ସମ୍ପାଦକ ପ୍ରସନ କୁମାର ମିଶ୍ର, କୋଷାଧ୍ୟକ୍ଷ ଡି. ପଦ୍ମଲୋଚନ ଆଚାରୀ, ଗଞ୍ଜାମ ଖଣ୍ଡ ସଂଘ ଚାଳକ ଅମୁଲ୍ୟ କୁମାର ସେନାପତି, ଉପଦେଷ୍ଟା ମହେନ୍ଦ୍ର କୁମାର ସେନାପତି, ରାମଚନ୍ଦ୍ର ବାଡତ୍ୟା ଉପସ୍ଥିତ ଥିଲେ । ଗୁରୁମା ଶ୍ରୀମତୀ କିରଣ ମାଳା ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ ।

**ଧରାକୋଟ:** ରାଜ୍ୟ ସରକାରଙ୍କ ତରଫରୁ ତୃତୀୟ ଓ ପଞ୍ଚମ ଶ୍ରେଣୀର ମେଧାବୀ ଓ ଗରିବ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ମେଧା ବୃତ୍ତି ପରୀକ୍ଷାରେ ଧରାକୋଟ ବ୍ଲକର ବିଭିନ୍ନ ବିଦ୍ୟାଳୟ ର ୨୮ ଜଣ ଛାତ୍ର ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଏଣୁ ୭୭ ତମ ସାଧାରଣ ତନ୍ତ୍ର ଦିବସ ପାଳନ ଅବସରରେ ସେମାନଙ୍କୁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମା ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବି ଇ ଓ ରମେଶ ଚନ୍ଦ୍ର ସାହୁ, ଏବିଇଓ ସୌରୀ ଶଙ୍କର ବେହେରା, ଏବିଇଓ ବିଭୁତି ଭୁଷଣ ପାତ୍ରଙ୍କ ସମେତ ସମସ୍ତ ସିଆରସିସି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନେ ଉପସ୍ଥିତ ରହିଥିଲେ ।

**ବେଗୁନିଆପଡା:** ବେଗୁନିଆପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ରେଣୁ ଗୌଡ଼, ବିଡ଼ିଓ ଦିବ୍ୟ ରଞ୍ଜନ ବିଶାଳ, ଏବିଡ଼ିଓ ନିରଞ୍ଜନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁଙ୍କ ସମେତ ବ୍ଲକ କର୍ମଚାରୀ ନିକଟସ୍ଥ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କୋଦଳା ଥାନା ର ଥାନା ସବ ଇନିସ୍ପେକ୍ଟର ଡୁଲୁ ମାଝୀ ପତାକା ଉତ୍ତୋଳନ କରିଥିବା ବେଳେ, ସମସ୍ତ ଥାନା କର୍ମକର୍ତ୍ତା ଉପସ୍ଥିତ ଥିଲେ ।

**ବେଲଗୁଣ୍ଠା:** ବେଲଗୁଣ୍ଠା ବ୍ଲକ୍ ଏବଂ ଏନ୍ଏସି ର ବିଭିନ୍ନ ଶିକ୍ଷାନୁଷ୍ଠାନ,ସରକାରୀ କାର୍ଯ୍ୟାଳୟ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି । ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ବେଲଗୁଣ୍ଠା ବ୍ଲକ୍ ପଡିଆ ଠାରେ ଅନୁଷ୍ଠିତ ଏନ୍ଏସିସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଛାତ୍ରଛାତ୍ରୀଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ । ଏନ୍ଏସି କାର୍ଯ୍ୟ ନିର୍ବାହି ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ସମ୍ମାନିତ ଅତିଥି ଭାବେ ବିଡିସ ସିଙ୍ଗାପୁରମ୍ ହରି, ତହସିଲଦାର କଳାକୃଷ୍ଣ ପ୍ରଧାନ, ନଗରପାଳ ଫିରୋଜ ସେଠୀ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ଥାନା ଅଧିକାରୀ ରେବତୀ ଶବର, ବ୍ଲକ୍ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ସାଂସଦ ପ୍ରତିନିଧି ନାରାୟଣ ସାହୁ ଓ ସମସ୍ତ କଉନସିଲର ପ୍ରମୁଖ ଉପସ୍ଥିତ ଥିଲେ ।

**ବୁଗୁଡ଼ା:** ସ୍ଥାନୀୟ ମିଡିଆ କ୍ଲବରେ ସଭାପତି ଅନିଲ ପଟ୍ଟନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘରେ ସଭାପତି ସୂର୍ଯ୍ୟନାରାୟଣ ଦାଶ, ସିନିୟର ସିଟିଜେନ ଟ୍ରଷ୍ଟରେ ଅଧ୍ୟକ୍ଷ ଗଙ୍ଗାଧର ବିଷୋୟୀ, ଏନଏସି କାର୍ଯାଳୟରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସଭାପତି ୟୁ. ପୂର୍ଣ୍ଣଚନ୍ଦ୍ର ପାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରେ ସମ୍ପାଦକ ବିଶ୍ୱ ମୋହନ ମିଶ୍ର, ନିୟୁ ଏରା ପବ୍ଲିକ୍ ସ୍କୁଲରେ ସଭାପତି କାଳୀ ଚରଣ ଦାଶ, ଶୋଭନୀୟ ପବ୍ଲିକ୍ ସ୍କୁଲରେ ଏମଡି ୟୁ.ଅରବିନ୍ଦ ପାତ୍ର, ବି.ଏନ୍ ପବ୍ଲିକ୍ ସ୍କୁଲରେ ଏମଡି ଏ.ଚନ୍ଦନ ଚର୍ଚ୍ଚିତ ପାତ୍ର, ସାଇ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନାଚାର୍ଯ୍ୟ ଶ୍ୟାମସୁନ୍ଦର ନାୟକ , ଏସବିଏନ୍ ଗାର୍ଲସ୍ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା, ପିପୁଲ୍ସ ହାଇସ୍କୁଲରେ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା, ପିପୁଲ୍ସ କଲେଜରେ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ର, ବଳଦେବଜୀୟୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧାପକ ବିଭୁତି ଭୂଷଣ ମିଶ୍ର , ବାଲିପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧିଯକ୍ଷ ସରୋଜକାନ୍ତ ଦାସ, ମାଣିତରା କଲେଜରେ ଅଧ୍ୟକ୍ଷ ଅନୁପ କୁମାର ପଣ୍ଡା, ବନବିଭାଗ କାର୍ଯ୍ୟାଳୟରେ ରେଞ୍ଜର ମାନସ କୁମାର ସାହୁ, କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଗୟାଚାନ୍ଦ ନାୟକ, ବାଘୁଆ ଜଳସେଚନ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳ, ପୁଲିସ ଥାନାରେ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ ।

**ଆସିକା:** ଆସିକା ବ୍ଲକରେ ତ୍ରିବେଣୀ ନାହାକ, ସରୋଜ ପାଢ଼ୀ ଉପାଧକ୍ଷ ରେଶମା ଦୋରା, ବିଡିଓ ରାଜେନ୍ଦ୍ର ନାୟକ, ତହସିଲରେ ତହସିଲଦାର ସଂଗୀତା ସେନ, ସିଡିପିଓ ଶାନ୍ତି ସୁଧାକର ପଟନାୟକ, ଏନଏସିରେ ଅଧକ୍ଷ ବିନେତା ସ୍ୱାଇଁ, ଇଓ ରାଜେଶ କୁମାର ମହାପାତ୍ର, ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ଏବିଇଓ ବିଭୁ ନନ୍ଦନ ପଣ୍ଡା, ଉପ ଖଣ୍ଡ ଚିକିତ୍ସାଳୟରେ ଡାକ୍ତର ବାଳ ଗୋପାଳ ବେହେରା, ଉପଖଣ୍ଡ ପୁଲିସ ଥାନାରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା, ଥାନା ଅଧିକାରୀ କୂଳ ମଣି ସେଠୀ, ଖମ୍ବେଶ୍ୱରୀ ପାଟଣାରେ ମା'ସରସ୍ୱତୀ ଶିଶୁ ମନ୍ଦିରର ପଧାନ ଆଚାର୍ଯ୍ୟ, ବିଭିନ୍ନ ସ୍କୁଲ, କଲେଜ, ବସ ମାଲିକ ସଙ୍ଘ, ଟ୍ରକ ମାଲିକ ସଙ୍ଘ, ଅଟୋ ମାଲିକ ସଙ୍ଘ, ମିନି ବସ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇଥିଲା ।

**କୁକୁଡାଖଣ୍ଡି:** କୁକୁଡାଖଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ମହାଡ଼ମ୍ବରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକର ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଡ଼. ପଲ୍ଲବୀ ସ୍ୱାଇଁ, ବିଇଓ ସନ୍ତୋଷ କୁମାର ମହାପାତ୍ର, ଗୋଷ୍ଠୀ ସମୀକ୍ଷକ ଅଧିକାରୀ ମନୋଜ କୁମାର ପାତ୍ର, ସିଡିପିଓ କୁସୁମି ସାହୁଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ, ବହୁ ସମିତି ସଭ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ହୃଦ୍ଘାତରେ ମୃତ୍ୟୁ

**ଜଗନ୍ନାଥପ୍ରସାଦ,୨୭ ।୧(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ବ୍ଲକ ବିଜେଡି ସଭାପତି ଦ୍ୱିତୀକୃଷ୍ଣ ପ୍ରଧାନଙ୍କ ହୃଦଘାତରେ ପରଲୋକ ଘଟିଛି । ସେ ଜଗନ୍ନାଥ ପ୍ରସାଦ ବ୍ଲକରେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷ ଏବଂ ୧୯ ୯୨ ରୁ ୯ ୭ ପର୍ଯ୍ୟନ୍ତ ସ୍ଥାନୀୟ ପଞ୍ଚାୟତର ସମିତି ମେମ୍ବର ନିର୍ବାଚିତ ହୋଇଥିଲେ । ମଙ୍ଗଳବାର ପୂର୍ବାହ୍ନରେ ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱର ନିଆଯାଉଥିଲା । ବାଟରେ ଅବସ୍ଥା ସଂକଟାପନ୍ନ ହେବାରୁ ନୟାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ନୃସିଂହ ଚରଣ ପ୍ରଧାନ ସ୍ତ୍ରୀ ଝୁନୁ, ଏକମାତ୍ର ପୁଅ ଶୁଭକାନ୍ତ, ଝିଅ ଶୁଭସ୍ମିତା ଏବଂ ସମସ୍ତ ପରିବାର ବର୍ଗ ଉପସ୍ଥିତ ରହିଥିଲେ । ଝିଅ ଶୁଭସ୍ମିତାଙ୍କ ଫେବୃଆରୀ ୨୫ରିଖରେ ବିବାହ ଥିବାରୁ ଘର ଚଳଚଞ୍ଚଳ ରହିଥିଲା । ହେଲେ ଏହି ଦୁଃଖଦ ଘଟଣା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି ।

## ସରକାରୀ ବ୍ୟାଙ୍କ କର୍ମଚାରୀ ସଂଘର ଧର୍ମଘଟ



**ଛତ୍ରପୁର,୨୭ ।୧(ସମିସ):** ମଙ୍ଗଳବାର ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ୍ ୟୁନିୟନ୍ (ୟୁଏଫ୍ବିୟୁ) ଆହ୍ୱାନରେ ଦେଶର ବିଭିନ୍ନ ବ୍ୟାଙ୍କ୍ କର୍ମଚାରୀ ସଂଘ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି । ୫ଦିନ ବ୍ୟାଙ୍କ୍ ସେବା ଦାବିକୁ ନେଇ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିବାରୁ ସାଧାରଣ ଗ୍ରାହକ ସେବା ବାଧାପ୍ରାପ୍ତ ହୋଇଛି । ଏହି ଧର୍ମଘଟରେ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘର ଆଞ୍ଚଳିକ ସମ୍ପାଦକ(ଛତ୍ରପୁର ମୁଖ୍ୟ ଶାଖା) ଜିତେନ୍ଦ୍ର କୁମାର ପଲେଇ, ସାଙ୍ଗଠନିକ ସମ୍ପାଦକ ସରୋଜ ପରିଡା, ସୀମାଞ୍ଚଳ ପାତ୍ର, ଅଭିଷେକ ଯାନୀ, ଆଇ. ନିର୍ମଳା, ଆର. ପ୍ରିୟଙ୍କା ରେଡ୍ଡୀ, ପଦ୍ମ ବେହେରା, କୈଳାଶ ଚନ୍ଦ୍ର ନାୟକ, ଦିନମଣୀ ମୁର୍ମୁ, ରଞ୍ଜିତ ନାୟକ, ନିବେଦିତା ସାମଲ, ସୋମେଶ ରେଡ୍ଡୀ,, ମନୋଜ ନାହାକ, ପ୍ରଦୀପ୍ତ ରାମ, ସୋମନାଥ ବେହେରା, ଉଦୟନାଥ ସାହୁ, ବି. ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ସାମିଲ ଥିଲେ ।

## ଛେଳି ଚୋରି ଅଭିଯୋଗରେ ୨ ଗିରଫ

**ଛତ୍ରପୁର,୨୭ ।୧(ସମିସ):** ଚମାଖଣ୍ଡି ଥାନା ଅନ୍ତର୍ଗତ ଚମାଖଣ୍ଡି ଗ୍ରାମରେ ଛେଳି ଚୋରି କରିବା ବେଳେ ୨ ଜଣ ଚୋରଙ୍କୁ ଧରି ପୁଲିସ ଜିମା ଦେଇଛନ୍ତି ଗ୍ରାମବାସୀ । ଚମାଖଣ୍ଡି ଗ୍ରାମରେ ଦୀର୍ଘ ଦିନ ଧରି ବାଇକ, ପେଟ୍ରୋଲ, ଡିଜେଲ, ଛେଳି ଆଦି ଚୋରି ହେଉଥିଲା । ଗ୍ରାମବାସୀ ଚୋରକୁ ଧରିବାକୁ ଯୋଜନା କରି ଜଗିଥିଲେ । ସୋମବାର ବିଳମ୍ବିତ ରାତିରେ ଚିକିଟି ଅଞ୍ଚଳରୁ ଦୁଇ ଜଣ ଚୋର ଏକ ସ୍କୁଟି ଯୋଗେ ଆସି ଗ୍ରାମରେ ଛେଳି ଓ ଡିଜେଲ ଚୋରି କରୁଥିବା ବେଳେ ଗ୍ରାମବାସୀ କାବୁ କରିଥିଲେ । ପୁଲିସ ପହଞ୍ଚି ଦୁଇ ଅଭିଯୁକ୍ତଙ୍କୁ ଉଦ୍ଧାର କରିଥିଲେ । ଏନେଇ ଚମାଖଣ୍ଡି ଥାନାରେ ମାମଲା ରୁଜୁ କରି ଚିକିଟି ଅଞ୍ଚଳର ବିକ୍ରମ କେଶରୀ ପଣ୍ଡା ଓ ଯଶମନ୍ତ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ ।

## ଟିପିଏସ୍ଓଡିଏଲ୍ ପକ୍ଷରୁ ସାଧାରଣତନ୍ତ୍ର ଦିବସ



**ବ୍ରହ୍ମପୁର,୨୭ ।୧(ସମିସ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ବ୍ରହ୍ମପୁରସ୍ଥିତ ଏହାର କର୍ପୋରେଟ୍ କାର୍ଯ୍ୟାଳୟରେ ସିଇଓ ଅମିତ କୁମାର ଗର୍ଗ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ସେବା ପ୍ରଦାନରେ ନିରନ୍ତର ଉନ୍ନତି, ସ୍ଥାୟୀତ୍ୱ ଉଦ୍ୟମ ଏବଂ ଗୋଷ୍ଠୀ -କେନ୍ଦ୍ରିକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଜାତୀୟ ଲକ୍ଷ୍ୟକୁ ସମର୍ଥନ କରିବାରେ ଟିପିଏସ୍ଓଡିଏଲ୍ର ଭୂମିକାକୁ ଉଜ୍ୱଳ କରେ ବୋଲି ସେ ପ୍ରକାଶ କରିଥିଲେ । ସେ କମ୍ପାନୀର ଗ୍ରାମାଞ୍ଚଳ ବିଦ୍ୟୁତୀକରଣ, ନବୀକରଣୀୟ ଶକ୍ତିର ଏକୀକରଣ ଏବଂ ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ୍ ବଣ୍ଟନ ନେଟ୍ୱର୍କକୁ ମଜବୁତ୍ କରିବାକୁ ଲକ୍ଷ୍ୟ ରଖି ଉଦ୍ଭାବନୀ ସମାଧାନଗୁଡ଼ିକର ଗ୍ରହଣ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ ।

### ଅଲ୍ ଓଡ଼ିଶା କବାଡ଼ି ଟୁର୍ଣ୍ଣାମେଣ୍ଟ

## ପାଟପୁରକୁ ହରାଇ ରାମେୟାପାଟନମ୍ ଚାମ୍ପିଅନ

**ସାନଖେମୁଣ୍ଡି,୨୭ ।୧(ସମିସ):** ସାନଖେମୁଣ୍ଡି ବ୍ଲକ ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ଖେଳ ପଡ଼ିଆରେ ପାଟପୁର ଫୋର୍ସ କ୍ଲବ୍ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଅଲ୍ ଓଡ଼ିଶା କବାଡି ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି । ଏଥିରେ ୧୬ଟି ଟିମ୍ ଯୋଗ ଦେଇଥିବା ବେଳେ ପାଟପୁରକୁ ହରାଇ ରାମେୟାପାଟନମ ଚାମ୍ପିଅନ ହୋଇଛି । ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ପାଟପୁର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ରାଧାଦେଈପୁର



ପୂର୍ବତନ ସମିତି ସଭ୍ୟ ଦୁର୍ଗା ପ୍ରାସାଦ ପାଢ଼ୀ, ସମାଜସେବୀ ଶିବରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଛନ୍ତି । ସମର କେଶରୀ ହାଜିରା, ଶିଖର ମାଝୀ, ଅଜୟ କୁମାର ସ୍ୱାଇଁ, ଡି. କୁମାର, ଅନିଲ କୁମାର ସ୍ୱାଇଁ ମ୍ୟାଚ ରେଫରି ଭାବେ ଖେଳ ପରିଚାଳନା କରିଥିଲେ । ଫୋର୍ସ କ୍ଲବ୍ ସଭାପତି ମିଥୁନ କୁମାର ସ୍ୱାଇଁ, ଉପ ସଭାପତି ସଚିନ କୁମାର ସୁଆଁସିଆ, ସମ୍ପାଦକ ରାଜା ସିଂ, କୋଷାଧ୍ୟକ୍ଷ ଶ୍ରୀକାନ୍ତ କୁମାର ସାହୁ, ଶ୍ରୀକାନ୍ତ କୁମାର ଜେନାଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

## କାର୍ ଉପରେ ଚଢ଼ିଗଲା ବାଲି ବୋଝେଇ ହାଇୱା

**କୁକୁଡାଖଣ୍ଡି,୨୭ ।୧(ସମିସ):** କୁକୁଡାଖଣ୍ଡି ମୁଖ୍ୟ ରାସ୍ତାରେ ସୋମବାର ସକାଳୁ ଏକ ବାଲି ବୋଝେଇ ହାଇୱା ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବା ପରେ କାର୍ ଓ ଘରକୁ ମାଡ଼ିଯାଇଛି । ହିଞ୍ଜିଳି ଦିଗରୁ ବାଲି ବୋଝେଇ ଆସୁଥିବା ହାଇୱା ପ୍ରଥମେ ରାସ୍ତାର ବାମପଟେ ରହିଥିବା ଅନ୍ୟ ଏକ ହାଇୱାକୁ ଧକ୍କା ଦେଇ ଡାହାଣ ପାଶ୍ୱର୍ରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା । ପରେ ବିଜୟ ଜେନାଙ୍କ ଘର ସମ୍ମୁଖରେ ରହିଥିବା ତାଙ୍କ କାର୍ ଉପରେ ଚଢ଼ି ଘର ମଧ୍ୟକୁ ପଶିଯାଇଥିଲା । କାର ସହ ଘରର କିଛି ଅଂଶ ମଧ କ୍ଷତିଗ୍ରସ୍ତ ହୋଇଛି । ତେବେ ଏହି ଘଟଣାରେ କେହି ମୃତାହତ ହୋଇନଥିବା ବେଳେ ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି ।

